ଆଜି - ଶନିବାର
ତାରିଖ - ୩୦ ମଇ ୨୦୨୬
ମାସ - ବୃଷ, ଦିନ - ୧୬
ତିଥି - ଚତୁର୍ଦ୍ଦଶୀ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ବିଶାଖା, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୧୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପ୍ରତ୍ୟେକ ଲୋକର ଆବଶ୍ୟକତାକୁ ମେଂଟାଇବା ପାଇଁ ପୃଥିବୀ ସବୁକିଛି ଯୋଗାଇ ଦେଇଥାଏ; କିନ୍ତୁ ଲୋଭକୁ ମେଂଟାଇବା ପାଇଁ ନୁହେଁ ।"

- ସମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 46 R.N.I. REGD. No. 44026/86 ବାଲେଶ୍ୱର ୩୦ ମଇ ୨୦୨୬ ଶନିବାର BALASORE 30 MAY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଯୁବ ସଙ୍ଗମ ଗସ୍ତ ସମୟରେ ଗୁଜରାଟ ପ୍ରତିନିଧିମାନଙ୍କ ସହ ମତ ବିନିମୟ କଲେ ରାଜ୍ୟପାଳ

ଭୁବନେଶ୍ୱର : ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲା ଭାରତ ସରକାରଙ୍କ ଏକ ଭାରତ ଶ୍ରେଷ୍ଠ ଭାରତ ପଦକ୍ଷେପ ଅଧୀନରେ ଗୁଜରାଟର ଛାତ୍ର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ଯୁବ ସଙ୍ଗମ ପର୍ଯ୍ୟାୟ ୬ ସଫଳତାର ସହ ପରିଚାଳନା କରୁଛି । ଛଅ ଦିନିଆ ଇମର୍ସିଭ୍ ଏକ୍ସପୋଜର କାର୍ଯ୍ୟକ୍ରମ (୨୫ ମଇ ରୁ ୩୦ ମଇ, ୨୦୨୬) ଯୁବ ସଙ୍ଗମ ପର୍ଯ୍ୟାୟ ୬ ଅନ୍ତର୍ଗତ ସାଂସ୍କୃତିକ ବୁଝାମଣା ଏବଂ ଜ୍ଞାନ ଆଦାନପ୍ରଦାନକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । ୨୫ ମଇ, ୨୦୨୬ ରେ, ଏନଆଇଟି ରାଉରକେଲା ଗୁଜରାଟର ୩୯ ଜଣ ଛାତ୍ର ପ୍ରତିନିଧି ଏବଂ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦର ପାଂଚ ଜଣ ସଂଯୋଜକଙ୍କୁ ସ୍ୱାଗତ କରିଥିଲା । ଓଡିଶାର ନୋଡାଲ ଅନୁଷ୍ଠାନ ଏନଆଇଟି ରାଉରକେଲା, ଗୁଜରାଟର ପ୍ରତିନିଧିତ୍ୱ କରୁଥିବା ନୋଡାଲ ଅନୁଷ୍ଠାନ ଆଇଆଇଏମ୍ ଅହମ୍ମଦାବାଦ ସହିତ ସହଯୋଗରେ କାର୍ଯ୍ୟ କରୁଛି ।ସାରା ଓଡ଼ିଶା ଭ୍ରମଣରେ ପାଂଚ ଦିନିଆ ଯାତ୍ରା ସମୟରେ, ଗୁଜୁରାଟ ପ୍ରତିନିଧିମାନେ ଘଓଞ୍ଚ ରାଉରକେଲା ଦ୍ୱାରା ଆୟୋଜିତ ଶିକ୍ଷାଗତ ଏବଂ ସାଂସ୍କୃତିକ ପରିଦର୍ଶନର ଏକ ଶୃଙ୍ଖଳା ଅନୁଭବ



କରିଥିଲେ । ଦ୍ୱିତୀୟ ଦିନରେ, ପ୍ରତିନିଧି ଦଳ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ, ଯେଉଁଠାରେ ଓଡ଼ିଶାର କ୍ରୀଡା ଉତ୍କର୍ଷତା ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ହକିକୁ ପ୍ରୋତ୍ସାହିତ କରିବାରେ ଏହାର ଅବଦାନ ଦେଖିବାକୁ ମିଳିଥିଲା । ସେମାନେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବଂ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ଅନ୍ତର୍ଦୃଷ୍ଟି ପାଇବା ପାଇଁ ରାଉରକେଲା ଇସ୍ପାତ କାରଖାନା ମଧ୍ୟ ପରିଦର୍ଶନ କରିଥିଲେ । ତୃତୀୟ ଦିନରେ, ପ୍ରତିନିଧିମାନେ ଲୋକଭବନ ଭୁବନେଶ୍ୱର ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କାମଭାମପତିଙ୍କ ସହ ଆଲୋଚନା କରିଥିଲେ । ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ, 'ଯୁବ ସଙ୍ଗମ ଭଳି କାର୍ଯ୍ୟକ୍ରମ ଯୁବ ପିଢ଼ିଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନ ଏବଂ ଜାତୀୟ ସଂହତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଓଡ଼ିଶା ପରିଦର୍ଶନ କରୁଥିବା ଗୁଜୁରାଟର ଯୁବ ସଙ୍ଗମ ଛାତ୍ରମାନଙ୍କ ସହିତ ଆଲୋଚନା କରି ମୁଁ ଆନନ୍ଦିତ । ସ୍ଥାୟୀତ୍ୱ, ଡିଜିଟାଲ୍ ନବସୃଜନ, ବୈଦ୍ୟୁତିକ ଗତିଶୀଳତା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଭାରତର ବିକାଶ ଯାତ୍ରା ଉପରେ ସେମାନଙ୍କର ଆକର୍ଷଣୀୟ ଆଲୋଚନା ପ୍ରକୃତରେ ପ୍ରେରଣାଦାୟକ ଥିଲା ।' ସେ ଯୁବପିଢ଼ିଙ୍କୁ ବିବିଧତାରେ ଏକତାର ଦୂତ ହେବା ସହିତ ଆତ୍ମନିର୍ଭରଶୀଳତା, ପରିବେଶଗତ ଦାୟିତ୍ୱ ଏବଂ ସାଂସ୍କୃତିକ ବୁଝାମଣାକୁ ଗ୍ରହଣ କରିବାକୁ ଆହୁରି ଉତ୍ସାହିତ କରିଥିଲେ । ପରେ, ଅଂଶଗ୍ରହଣକାରୀମାନେ ପବିତ୍ର ଜଗନ୍ନାଥ ମନ୍ଦିର ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଏକ ଐତିହ୍ୟ ପରିଦର୍ଶନ କରିଥିଲେ । ଚତୁର୍ଥ ଦିନରେ, ଅଂଶଗ୍ରହଣକାରୀମାନେ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକକୁ ଯାତ୍ରା କରିଥିଲେ, ଯେଉଁଠାରେ ସେମାନେ ତେଲିଘନା ଗ୍ରାମ ପରିଦର୍ଶନ କରିଥିଲେ ଏବଂ ପ୍ରାକୃତିକ କୃଷି ପଦ୍ଧତି, ସ୍ଥାୟୀ ଗ୍ରାମୀଣ ଜୀବିକା ଏବଂ ସମ୍ପ୍ରଦାୟ-ଆଧାରିତ ବିକାଶ ପଦକ୍ଷେପଗୁଡ଼ିକୁ ବୁଝିବା ପାଇଁ କିଷାନ ସାଥୀ ଫାଉଣ୍ଡେସନ ସହିତ ଆଲୋଚନା କରିଥିଲେ । ଛାତ୍ରମାନେ ଫାର୍ମ ପରିସରରେ 'ଏକ ପେଡ୍ ମା କେ ନାମ' ରୋପଣ ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

## ଭାରତ-ପାକିସ୍ତାନ ସୀମାରେ ଜି-୭ ଓ ଜି-୧୩ ସୀମା ଚୌକିର ଉଦ୍‌ଘାଟନ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଭୁଜରେ ଦୁଇଟି ସୀମା ସୁରକ୍ଷା ଚୌକିର ଉଦ୍ଘାଟନ କରିବା ସହ ସୀମା ସୁରକ୍ଷା ବଳ (ବିଏସ୍ଏଫ) ଯବାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ ସାଂଘଭି, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ, ସୀମା ପରିଚାଳନା ସଚିବ ଏବଂ ବିଏସ୍ଏଫର ମହାନିର୍ଦ୍ଦେଶକଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ବିଏସ୍ଏଫ କର୍ମଚାରୀମାନେ ଅତ୍ୟନ୍ତ କଠୋର ଜଳବାୟୁ ଏବଂ କଷ୍ଟକର ଭୌଗୋଳିକ ପରିସ୍ଥିତିରେ ବାସ କରନ୍ତି; କିନ୍ତୁ, ଏହି ସ୍ଥାନ ପରିଦର୍ଶନ କରି ଏବଂ ସେମାନଙ୍କୁ ହସ ହସ ମୁହଁରେ ଭାରତର ସୀମାରେ ଜଗି ରହିଥିବାର ଦେଖି, ମନେହେବ ଯେ ଆମର ନିଜ କାମ କେତେ ସରଳ । ସ୍ୱରାଷ୍ଟ୍ରମନ୍ତ୍ରୀ ଦୃଢ଼ତାର ସହିତ କହିଥିଲେ ଯେ ଯଦି ବିଏସ୍ଏଫ କର୍ମଚାରୀମାନେ କ୍ଳାନ୍ତ ହେଉନାହାନ୍ତି, ତେବେ ଆମର କ୍ଳାନ୍ତ ହେବାର କୌଣସି ଅଧିକାର ନାହିଁ ।




ଶ୍ରୀ ଅମିତ ଶାହ କହିଥିଲେ ଯେ, ୬୦ ବର୍ଷ ପୂର୍ବେ ଏହାର ପ୍ରତିଷ୍ଠା ହେବା ପରଠାରୁ, ବିଏସଏଫ ଦେଶର ଦୁଇଟି ସବୁଠାରୁ କଷ୍ଟକର ସୀମାକୁ ସୁରକ୍ଷିତ ରଖିବାର ଦାୟିତ୍ୱ ନେଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ସୀମାରେ ନିୟୋଜିତ ବିଏସଏଫ କର୍ମଚାରୀମାନଙ୍କୁ ଅନେକ ପ୍ରକାରର କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାଏ – ବିଯୁକ୍ତ ୪୫ ଡିଗ୍ରୀ ଠାରୁ ଆରମ୍ଭ କରି ୪୫ ଡିଗ୍ରୀ କିମ୍ବା ତାଠାରୁ ଅଧିକ ପ୍ରଚଣ୍ଡ ଗରମର ସମ୍ମୁଖୀନ ହେବାକୁ ପଡେ । କଚ୍ଛର ଦୁର୍ଗମ ମରୁଭୂମି, ସର କ୍ରିକ୍ ଏବଂ ହାରାମି ନାଳାର ମାର୍ଶଲ୍ୟାଣ୍ଡରେ ବିଚରଣ କରିବା ହେଉ, କିମ୍ବା ରାଜସ୍ଥାନର ବାଲୁକା ପାହାଡିଆ ଅଂଚଳ ମଧ୍ୟରେ ଠିଆ ହୋଇ ଜଗି ରହିବା ହେଉ, ବିଏସଏଫ କର୍ମଚାରୀମାନେ ଅତ୍ୟନ୍ତ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି । ଶ୍ରୀ ଶାହ କହିଥିଲେ ଯେ, କାଶ୍ମୀରର ବରଫାବୃତ ଶିଖରରୁ ସୁନ୍ଦରବନ ଜଙ୍ଗଲ, ଗଙ୍ଗାସାଗର କୂଳରୁ ମେଘାଳୟ ଏବଂ ଆସାମର ପାହାଡିଆ ଏବଂ ଜଙ୍ଗଲିଆ ଅଂଚଳ ପର୍ଯ୍ୟନ୍ତ ବିସ୍ତାରିତ ଅଂଚଳରେ ବିଏସଏଫ ଗତ ଛଅ ଦଶନ୍ଧି ମଧ୍ୟରେ ଦେଶର 'ପ୍ରଥମ ପ୍ରତିରକ୍ଷା ବଳୟ' ଭାବରେ ଏହାର ଭୂମିକା ପ୍ରଶଂସନୀୟ ଭାବରେ ନିର୍ବାହ କରିଛି । ବାହିନୀର ଦୁଇ ହଜାର କର୍ମଚାରୀ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଏହି କାରଣରୁ ଭାରତ ସରକାର - ଦେଶର ୧୪୦ କୋଟି ନାଗରିକ ବିଏସଏଫକୁ ସର୍ବୋଚ୍ଚ ସମ୍ମାନ ଦିଅନ୍ତି ଓ ରାତିରେ ଶାନ୍ତିରେ ଶୋଇପାରୁଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସାଧାରଣ ଜନତା ବିଏସଏଫ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା ଅତି କଷ୍ଟକର କର୍ତବ୍ୟ ବିଷୟରେ ଏକ ଧାରଣା ହାସଲ ପାଇଁ ବନାସକାଣ୍ଠାରେ ଏକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ସେ ଉଲ୍ଲେଖ କରିଛନ୍ତି ଯେ, କେବଳ ଗତ ମାସ ମଧ୍ୟରେ, ଅଢେଇ ଲକ୍ଷରୁ ଅଧିକ ଲୋକ ବିଏସଏଫର କାର୍ଯ୍ୟ ବିଷୟରେ ଜାଣିବା ଏବଂ ବୁଝିବା ପାଇଁ ଏହି କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି । ଶ୍ରୀ ଶାହ ମନେ ପକାଇଛନ୍ତି ଯେ, ପ୍ରାରମ୍ଭରେ, ବିଏସଏଫର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କ ମତାମତ ଲୋଡ଼ିବା ପାଇଁ ମତାମତ ଫର୍ମ ମାଧ୍ୟମରେ ଏକ ସର୍ଭେ କରାଯାଇଥିଲା ।







# ଚାରି ଗୋଟି ସୁନାମି ପ୍ରବଣ ଗ୍ରାମରେ ସୁନାମି ବିପର୍ଯ୍ୟୟ ପରିଚାଳନା ମକ୍ଡ୍ରିଲ ଅନୁଷ୍ଠିତ





ବାଲେଶ୍ୱର(ନିପ୍ର): ଶୁକ୍ରବାର ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଂଚାୟତର ନିଧିପଡ଼ା ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା କସାଫଳ, କୁସୁମୁଳିପାହି ଏବଂ ବଗଦା ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ନିଧିପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁତନୁ ଠାକୁର ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇ ପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଗୁରୁତ୍ୱାରୋପ କରିଥିଲେ । ଉକ୍ତ ମକ ଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇ ଥିଲା । ଏହି ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଉକ୍ତ ମକଡ୍ରି ଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା' ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା । ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍ପତି ନେବା, ଉପକୂଳବର୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ଼ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ନିଧିପଡ଼ା ଓ କୁସୁମୁଳିପାହି ଗ୍ରାମ ଠାରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲ । ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଏହି ଅବସରରେ ଓସଡାମା (OSDMA) କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଦୁବୁଲାଗାଡି, ଭୀମପୁର ଓ କସାଫଳ ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟ ସ୍ଥଳୀର ସଭାପତି ତଥା ସରପଂଚ, ଓ ସମ୍ପାଦକ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଚିତ ରଞ୍ଜନ ମହାନ୍ତି, ଓ.ଡ୍ରା.ଫ ବାହିନୀର ମନୋରଞ୍ଜନ ବେହେରା, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଆପଦ ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ବର୍ଦ୍ଧନପୁର ପଂଚାୟତର ସରପଂ ଶ୍ରୀମତୀ ଆରତୀ ମହାପାତ୍ର, ଭୀମପୁର ପଂଚାୟତର ସରପଂଚ ହରିପାଦ ଦାସ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ପୂର୍ବତନ ପୌରପାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲେଶ୍ୱର(ନିପ୍ର): ସ୍ୱର୍ଗତ ଅନୁପ କୁମାର ଦାସଙ୍କର ୧୪ତମ ଶ୍ରାଦ୍ଧ ବାର୍ଷିକୀ ଫକୀର ମୋହନ ଗୋଲାଇ ନିକଟରେ ଥିବା ପ୍ରତିମୂର୍ତି ରେ ତାଙ୍କର ଭାଇ ସ୍ୱରୂପ କୁମାର ଦାସ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ଏବଂ ତାଙ୍କର ସବା ସାନ ଭାଇ ଲିଙ୍ଗରାଜ ଦାସ ଦୁଖୀ ଏବଂ ଅସହାୟ ଲୋକଙ୍କୁ ମିଷ୍ଟାନ ପାଣି ବୋତଲ ଏବଂ ଛତା ବ[ନ କରିଥିଲେ ଏବଂ ତାଙ୍କର ସୁପୁତ୍ର ଶ୍ରୀମାନ ଅବିନାଶ ଭାରଦ୍ୱାଜ ଦାସ ଉପସ୍ଥିତ ରହି କାର୍ଯ୍ୟ କୁ ସୁଚାରୁରୂପେ ସମ୍ପାଦନା କରି ଥିଲେ ଏବଂ ରମାରାଣୀ ଅନୁଷ୍ଠାନ ର ଅଧ୍ୟକ୍ଷ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବଟ ବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ ବୁଢ଼େଶ୍ୱରଙ୍କ ଜନ୍ମଦିନ ପାଳିତ



ବାଲେଶ୍ୱର(ନିପ୍ର): ମୁଖ୍ୟତଃ ପିଲାମାନଙ୍କର ଭବିଷ୍ୟତ ଗଠନ ଏବଂ ସେମାନଙ୍କ ଜନ୍ମଦିନ ପାଳନ କରିବା ପାଇଁ ଘରେ ମା', ବାପା, ଭାଇ ଭଉଣୀ ଓ ଆତ୍ମୀୟ ସମସ୍ତେ ଜନ୍ମଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବେଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ପ୍ରତିନିଧି ବୃନ୍ଦ ଘରଠାରୁ ଦୂରରେ ଆସି ସଦର ମହକୁମାରେ ବସବାସ କରି ତୃଣମୂଳସ୍ତରରେ ୨୪ ଘଂଟା ସମ୍ବାଦ ସଂଗ୍ରହ ପରିବେଷଣ କ୍ଷେତ୍ରରେ ନିଜକୁ ଗୁରୁତ୍ୱ ଦେଉଥିବାବେଳେ ଭୁଲିଯାଆନ୍ତି ନିଜର ଜନ୍ମଦିନ ତାରିଖ । ଏମିତିକି ଘରୁ ଜନ୍ମଦିନ ପାଳନ ପାଇଁ ଘରକୁ ଆସିବା ନିମନ୍ତେ ଖବର ଆସିଲେ ମଧ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେମାନେ ଯାଇପାରନ୍ତି ନାହିଁ । ହେଲେ ସେଥି ମଧ୍ୟରୁ ବାଲେଶ୍ୱର ମୁଦ୍ରିତ ଓ ବୈଦ୍ୟୁତିକ ଗଣ ମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଙ୍କର ନିଆରା ଢଙ୍ଗରେ ୨୯ ତାରିଖ ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ ବରଗଛ ମୂଳରେ ପାଳନ ହୋଇଯାଇଛି ଜନ୍ମଦିନ । ବଟ ବୃକ୍ଷ ସୁରକ୍ଷା ମଂଚ ବାଲେଶ୍ୱର ଗଣମାଧମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଆବାହକ ଧୀରଜ କୁମାର ଦାସ । ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ଆଜି ଗଣମାଧ୍ୟମର ପ୍ରତିନିଧି ବୁଢ଼େଶ୍ୱର ମଲ୍ଲିକଙ୍କ ଜନ୍ମଦିବସ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ପାଳନ ହେଉଛି । ଭଗବାନ ତାଙ୍କର ଉତରତୋର ଉନ୍ନତି କରିବା ସହ ସାମ୍ବାଦିକ ବୁଢ଼େଶ୍ୱର ସର୍ବଦା ନିଜ କର୍ତବ୍ୟ ପଥରେ ରହି ଜନମାନସରେ ସାମାଜିକ ସେବା ଯୋଗାଇଦେବା ଏବଂ ସେମାନଙ୍କ ସମସ୍ୟା ଲୋକଲୋଚନରେ ଆଦୃତ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସେମାନେ ଯେଉଁ ନ୍ୟାୟ ପାଇବେ ସେଦିଗରେ ଗୁରୁତ୍ୱ ଦେବା ଏକାନ୍ତ ଜରୁରୀ ବୋଲି କହିଥିଲେ । ଏହି ଅବସରରେ ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ସାମ୍ବାଦିକ ବୁଢ଼େଶ୍ୱରଙ୍କୁ ମିଷ୍ଟାନ୍ନ ଖୁଆଇ ଆର୍ଶୀବାଦ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ସଞ୍ଜିତ୍ କୁମାର ଘୋଷ, ସଞ୍ଜୟ କୁମାର ମହାଳିକ, ଜୀବନଜ୍ୟୋତି ନାୟକ, ଆଶୁତୋଷ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ହ୍ରୀତିକ ନାୟକ, ଚନ୍ଦନ ପାଣିଗ୍ରାହୀ, ପ୍ରସନ୍ନଜିତ ଆଶ୍, ବିଜୟ ଦାସ, କଳିଙ୍ଗ ସାହୁ, ମନୋଜ ବିଶ୍ୱାଳ, ଭଗବାନ ଚନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ଜେନା, ତପନ ଦାସ, ଚିତରଞ୍ଜନ ନାୟକ, ପ୍ରସନ୍ନଜିତ ସେଠୀ, ଶ୍ରୀ ମଣ୍ଡଳ, ମିତ୍ରବନ୍ଧୁ ପଲେଇ ପ୍ରମୁଖ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଦୀର୍ଘ ଜୀବନୀ ଓ ଶୁଭେଚ୍ଛା କାମନା କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ (SIR - 2026) କାର୍ଯ୍ୟକ୍ରମର ଶୁଭାରମ୍ଭକୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର(ନିପ୍ର): ଭାରତୀୟ ନିର୍ବାଚନ କମିଶନ (ECI) ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ଉରଡ) ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଅର୍ଥାତ୍ ୩୦/୦୫/୨୦୨୬ ଠାରୁ ୦୬/୦୯/୨୦୨୬ ପର୍ଯ୍ୟନ୍ତ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (Special Intensive Revision - SIR) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ (Collectorate Auditorium) ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣ ମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (DIPRO) ଏବଂ ଜିଲ୍ଲା ନିର୍ବାଚନ ବିଭାଗୀୟ ଅଧିକାରିଣୀ (District Election Officer) ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଏହି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ ଓ ଅପଡେଟ୍ କରିବା । ୩୦ ମେ, ୨୦୨୬ ରୁ ୨୮ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ (BLO) ମାନେ ପ୍ରତ୍ୟେକ ପରିବାର ଗସ୍ତ କରି ଭୋଟରଙ୍କ ତଥ୍ୟ ଯାଂଚ ଏବଂ ଫର୍ମ ସଂଗ୍ରହ କରିବେ । ୦୬ ସେପ୍ଟେମ୍ବର, ୨୦୨୬ ରେ ସମସ୍ତ ସଂଶୋଧନ ପରେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ । ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ୨ ଟପ୍ପରକୁ ସମ୍ବର୍ଦ୍ଧିତ କଲେ ଅଧ୍ୟାପକ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜଗ୍ନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କ ଉଲ୍ଲେନୀୟ ସଫଳତା ପରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମହଲରେ ଆନନ୍ଦ ଖେଳିଯାଇଛି । ବିଜ୍ଞାନରେ ମାଣିତ୍ରୀ ଗ୍ରାମର ନମିତା ବାରିକ ୫୪୬, କଳାରେ କଲ୍ୟାଣି ଗ୍ରାମର ସସ୍ମିତା ବନ୍ଧ ୫୪୮ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ଏହି ୨ଛାତ୍ରୀଙ୍କୁ ତାଙ୍କ ବାସ ଭବନରେ ଭେଟି ସେମାନଙ୍କୁ ଫୁଲତୋଡା ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସେମାନଙ୍କର ଉତରୋତର ଉନ୍ନତି କାମନା କରିଛନ୍ତି ।

## ଗାଡ଼ି ଧକ୍କାରେ ଅଜଣା ଯୁବକଙ୍କ ମୃତ୍ୟୁ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଏକ ଅଜଣା ଗାଡି ଧକାରେ ଜଣେ ଅଜଣା ଯୁବକଙ୍କର ମୃତ୍ୟୁ ହୋଇଯାଇଛି । ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ଉକ୍ତ ସ୍ଥାନରେ ଯୁବକ ଜଣଙ୍କ ଇତଃତସ୍ତ ହୋଇ ଜାତୀୟ ରାଜପଥ ଉପରେ ବୁଲୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ତାଙ୍କ ଶବକୁ ଚିହ୍ନଟ ପାଇଁ ୯୬ ଘଂଟା ପର୍ଯ୍ୟନ୍ତ ଶବ ଗୃହରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଫେମ୍ ଜାତୀୟ ପୁରସ୍କାରରେ TPNODLକୁ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ଲାଟିନମ୍ ପୁରସ୍କାର




ବାଲେଶ୍ୱର(ନିପ୍ର): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ୧୯ତମ ଫେମ୍ ଜାତୀୟ ପୁରସ୍କାରରେ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ ହୋଇଛି । ଏହି ସମ୍ମାନ ୨୦୨୬ ଆର୍ଥିକ ବର୍ଷରେ କମ୍ପାନୀର ସମଗ୍ର କାର୍ଯ୍ୟକ୍ଷେତ୍ରରେ କର୍ମକ୍ଷେତ୍ରର ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି । ଏହି ସମାରୋହରେ ଟିପିଏନ୍ଓଡିଏଲ୍ ?ର ସୁରକ୍ଷା ବିଭାଗର ମୁଖ୍ୟ ତପନ କୁମାର ପାତ୍ର ସଂଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଆହ୍ୱାନପୂର୍ଣ୍ଣ ଏବଂ କଠିନ କ୍ଷେତ୍ର ପରିସ୍ଥିତିରେ ମଧ ନିଜର କାର୍ଯ୍ୟକଳାପରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ଟିପିଏନ୍ଓଡିଏଲ୍ର ନିରନ୍ତର ଉତ୍ସର୍ଗୀକୃତ ଭାବକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅନେକ ପ୍ରତିଷ୍ଠିତ ସଂଗଠନ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହା ଏହି ସମ୍ମାନକୁ ଟିପିଏନ୍ଓଡିଏଲ୍ର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ କାର୍ଯ୍ୟକ୍ଷେତ୍ରର ଶୃଙ୍ଖଳା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଭାବରେ ପ୍ରତିଷ୍ଠିତ କରିଛି । ଏହି ସଫଳତାର ମାଇଲଖୁଂଟ ସମଗ୍ର ଟିପିଏନ୍ ?ଓଡିଏଲ୍ ଟିମ୍ ?ର ଉତ୍ସର୍ଗୀକୃତ ଭାବ ଏବଂ ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ, ଯେଉଁଠାରେ 'ସୁରକ୍ଷା ପ୍ରଥମେ, ସୁରକ୍ଷା ସର୍ବଦା' ଏକ ମୂଳ ମାର୍ଗଦର୍ଶକ ନୀତି ହୋଇ ରହିଛି । ଏହା ସହିତ ଏହି ବିଦ୍ୟୁତ ବଂଟନ କମ୍ପାନୀର 'କାହାରି କେବେ ହେଲେ କ୍ଷତି ନହେଉ' ର ମହତ ଦୂରଦୃଷ୍ଟି ସହ ସମାନ ଅଟେ, ଯାହା ଏକ ଅନୁଭୂତି ଭାବରେ ଏହାର କର୍ପୋରେଟ୍ ନୀତି, କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତା ଏବଂ ଦୈନନ୍ଦିନ କାର୍ଯ୍ୟକୁ କ୍ରମାଗତ ଭାବରେ ରୂପରେଖ ଦେଇଥାଏ । ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରିବା, ନିୟମିତ ସୁରକ୍ଷା ସଚେତନତା ଅଭିଯାନ ଚଳାଇବା, କର୍ମଚାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଜବୁତ କରିବା, କ୍ଷେତ୍ରସ୍ତରୀୟ ପର୍ଯ୍ୟବେକ୍ଷଣକୁ ବୃଦ୍ଧି କରିବା ଏବଂ ବିଶ୍ୱସ୍ତରରେ ଗ୍ରହଣୀୟ ସୁରକ୍ଷା ମାନଦଣ୍ଡକୁ ଆପଣାଇବା ଉପରେ କମ୍ପାନୀର ରଣନୀତିକ ଧ୍ୟାନକୁ ଏହି ସ୍ୱୀକୃତି ଦର୍ଶାଉଛି । ଏହି ହାଇ-ପ୍ରୋଫାଇଲ୍ ପୁରସ୍କାର ସମାରୋହରେ ଅନେକ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ସରକାରୀ ଅଧିକାରୀ ମାନେ ଯୋଗ ଦେଇଥିଲେ । ବିଗତ ବର୍ଷଗୁଡିକରେ, ଟିପିଏନ୍ଓଡିଏଲ୍ ନିଜର କର୍ମଚାରୀ, କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ କର୍ମକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସକ୍ରିୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରମାଗତ ଭାବରେ ବିଶେଷ ପଦକ୍ଷେପ ମାନ ଗ୍ରହଣ କରିଆସିଛି । ଏହି ସାମ୍ପ୍ରତିକ ସମ୍ମାନ କମ୍ପାନୀର କାର୍ଯ୍ୟ କ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଉତର ଓଡ଼ିଶାରେ ଏହାର ସମଗ୍ର ବଂଟନ ନେଟୱାର୍କରେ ଏକ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ବଜାୟ ରଖିବାର ଦୂରଦୃଷ୍ଟି ପ୍ରତି ରହିଥିବା ସ୍ଥାୟୀ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି । ଆଗକୁ ବଢ଼ିବା ସହିତ, ଟିପିଏନ୍ଓଡିଏଲ୍ ନିଜର ସୁରକ୍ଷା ପରିଚାଳନା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ଆଣିବା ପାଇଁ ଉତ୍ସର୍ଗୀକୃତ ରହିଛି । ସଂଗଠନର ପ୍ରତ୍ୟେକ ସ୍ତରରେ ସକ୍ରିୟ ସୁରକ୍ଷା ଅଭ୍ୟାସକୁ ଅନ୍ତର୍ଭୁକ୍ତ କରି ଏବଂ ଉତରଦାୟିତ୍ୱର ଏକ ଗଭୀର ସଂସ୍କୃତି ଗଠନ କରି, କମ୍ପାନୀ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ କାର୍ଯ୍ୟକଳାପ ଉପରେ ନିଜର ଅଟଳ ଧ୍ୟାନ ମାଧ୍ୟମରେ ବିଦ୍ୟୁତ ବଂଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଜାରି ରଖିଛି ।

## ଜଗା ଦର୍ଶନ ପାଇଁ ସାଇକେଲରେ ଯାତ୍ରା କଲେ କୈଳାସ ଦାସ



ବାଲେଶ୍ୱର(ନିପ୍ର): ବୟସ ୬୧, ଘର ସଦର ବ୍ଲକ୍ ଅର୍ନ୍ତଗତ ସିଂଳା ଥାନା ଅଂଚଳରେ । ଗରିବ ଖଟିଖିଆ, ଦିନ ମଜୁରିଆ କୈଳାଶ ଦାସ ବାର୍ଦ୍ଧକ୍ୟ ଅବସ୍ଥା ଆସିଯାଇଥିଲେ ମଧ ମହାପ୍ରଭୁଙ୍କ ଡାକରା ପାଇଁ ସାକେଲ ଯୋଗେ ଯାତ୍ରା କରିଛନ୍ତି ଗତ ୨୭ ତାରିଖ ଦିନ । ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ଭେଟି ଯାତ୍ରା ଆରମ୍ଭ କରିଥିଲେ । ଗଣ ମାଧ ପ୍ରତିନିଧି ସଂଜିବ କୁମାର ଘୋଷ । ତାଙ୍କୁ ତୀର୍ଥପାଇଁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ୧୦୦ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ପୂର୍ବରୁ ତା୧୯.୦୪.୨୬ରିଖରେ ପୁରୀ ଦର୍ଶନ ନିମନ୍ତେ ସାଇକେଲ ଯୋଗେ ଯାତ୍ରା କରିଥିଲେ । ସେତେବେଳେ ରଖିଥିବା ମାନସିକ ୨ୟ ଥର ପାଇଁ ମହାପ୍ରଭୁଙ୍କ ଡୋରୀରେ ଯାତ୍ରା ଆରମ୍ଭ କରିଛନ୍ତି ପୁରୀ ।




# ହର୍ଷ ଉଲ୍ଲାସର ସହ ପାଳିତ ହେଲା ପବିତ୍ର ଇଦ୍-ଉଲ୍-ଜୁହା

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରରେ ଗତକାଲି ପବିତ୍ର ତ୍ୟାଗ ଓ ନିଷ୍ଠାର ପର୍ବ 'ଇଦ୍-ଉଲ୍-ଅଜ୍‌ହା'(ବକ୍ରିଦ୍) ଆନନ୍ଦ ହର୍ଷ ଉଲ୍ଲାସ ପାଳିତ ହୋଇ ଯାଇଅଛି । ଭାଇଚାରା ର ଏହି ପର୍ବ କୁ ପାଇଁ କରି ନିଜ ମଧ୍ୟରେ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା । ମସଜିଦ୍‌ରେ ସାମୂହିକ ଲ ନମାଜ ପାଠ ହୋଇଥିଲା । ଆଜି ସକାଳୁ ସ୍ଥାନୀୟ ମସଜିଦ୍ ପ୍ରାଙ୍ଗଣରେ ମୁସଲିମ୍ ସମ୍ପ୍ରଦାୟର ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ବୟସ୍କଙ୍କ ଠାରୁ ଆରମ୍ଭ କରି ଶିଶୁ ଏବଂ ଯୁବକମାନେ ନୂତନ ପୋଷାକ ପରିଧାନ କରି ନମାଜ ପାଠରେ ସାମିଲ ହୋଇଥିଲେ । ପବିତ୍ର ନମାଜ ପାଠ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇ ଥିଲେ । ଏହି ଅବସରରେ ଦେଶର ପ୍ରଗତି ଏବଂ ବିଶ୍ୱ ଶାନ୍ତି ତଥା ସଦ୍ଭାବନା ପାଇଁ ସମୂହ ପ୍ରାର୍ଥନା (ଦୁଆ) କରାଯାଇଥିଲା । ପୂର୍ବ ପୁରୁଷଙ୍କୁ ସ୍ମରଣ ଓ କବରସ୍ଥାନ ପରିଦର୍ଶନ ନମାଜ ପାଠ ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ସ୍ଥାନୀୟ କବରସ୍ଥାନକୁ ଯାଇଥିଲେ । ଦିବଙ୍ଗତ ପୂର୍ବପୁରୁଷମାନଙ୍କ ସ୍ମୃତି ଚାରଣ କରିବା ସହ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ବିଶେଷ ପ୍ରାର୍ଥନା କରିଥିଲେ । ମୁସଲିମ ସମ୍ପ୍ରଦାୟର ପ୍ରତ୍ୟେକ ପରିବାର ରେ ଉତ୍ସବର ମାହୋଲ ଚାଲିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ, ବାଦ ପଡ଼ିବେ ନାହିଁ ଜଣେ ମଧ୍ୟ ଯୋଗ୍ୟ ମତଦାତା : ଜିଲ୍ଲାପାଳ

କଟକ(ନିପ୍ର): ଭାରତର ଗଣତନ୍ତ୍ରର ମୂଳ ଭିତି ହେଉଛି ନିର୍ବାଚନ ପ୍ରକ୍ରିୟା ଏବଂ ଏକ ନିର୍ଭୁଲ ଓ ସଠିକ ଭୋଟର ତାଲିକା ଏହି ପ୍ରକ୍ରିୟାର ମୂଳ ଆଧାର । ଏହି ଉଦ୍ଦେଶ୍ୟରେ (ଏସ.ଆଇ.ଆ) ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟରେ ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା । ଏଥିସହ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ ଓ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ । ୧.୦୭.୨୦୨୬ ସୁଦ୍ଧା ଯେଉଁମାନେ ୧୮ ବର୍ଷରେ ପଦାର୍ପଣ କରିଛନ୍ତି ସେମାନେ ରକ୍ଷରମସ୍ଥକ୍ଷକ୍ସବକ୍ଷ ଜକ୍ଷକ୍ଷକ୍ଷରେ ନାମ ଦାଖଲ କରିପାରିବେ । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏକ ଗଣମାଧ୍ୟମ ସମ୍ମିଳନୀ ମାଧ୍ୟମରେ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜଣେ ମଧ୍ୟ ଯୋଗ୍ୟ ଭୋଟର ଯେପରି ବାଦ ପଡ଼ିବେ ନାହିଁ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାର ସହ କାର୍ଯ୍ୟ କରାଯାଉଥିବା କହିଛନ୍ତି । ଜିଲ୍ଲାରେ ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ BLOମାନେ ଘରକୁ ଘର ଯାଇ ଭୋଟର ତଥ୍ୟ ସଂଗ୍ରହ ଓ ଯାଂଚ କରିବେ । ଏହି ସମୟରେ ଇଖଡମାନେ ପ୍ରତ୍ୟେକ ଭୋଟରଙ୍କୁ ପୂର୍ବରୁ ମୁଦ୍ରିତ ଗଣନା ଫର୍ମଗୁଡ଼ିକର ଡୁପ୍ଲିକେଟ ବା enumeration form ବଂଟନ କରିବେ । BLOମାନେ ପୁଣି ଠାରେ ପ୍ରତ୍ୟେକ ପରିବାରକୁ ଯାଇ ଭୋଟରଙ୍କଠାରୁ ଗଣନା ଫର୍ମର ପୂରଣ ହୋଇଥିବା କପି ସଂଗ୍ରହ କରିବେ । BLO ସଂଗୃହିତ ଫର୍ମଗୁଡ଼ିକୁ BLO ଆପ୍/ ECINET ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଅପଲୋଡ୍ କରିବେ । ଗଣନା ପର୍ଯ୍ୟାୟ ସମୟରେ ଭୋଟରଙ୍କ ଠାରୁ କୌଣସି ଡକ୍ୟୁମେଂଟ ସଂଗ୍ରହ କରାଯିବ ନାହିଁ । ପୂର୍ବରୁ ଭୋଟର ତାଲିକାରେ ନାମ ଥିବା ଭୋଟରମାନଙ୍କୁ ମୁଦ୍ରିତ ଗଣନା ଫର୍ମ ଡାଉନଲୋଡ୍ କରିବା ଏବଂ ଅନଲାଇନ୍ ମୋଡ୍ ମାଧ୍ୟମରେ



ପୂରଣ ହୋଇଥିବା ଫର୍ମ ଏବଂ ଡକ୍ୟୁମେଂଟ ଅପଲୋଡ୍ କରିବାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ । ୦୫ ଜୁଲାଇ ୨୦୨୬ରେ ଖସଡା ଭୋଟର ତାଲିକା Draft Electoral Roll ପ୍ରକାଶ ପାଇବ । ଯେଉଁ ଭୋଟରଙ୍କ ଠାରୁ ଗଣନା ଫର୍ମ ଗ୍ରହଣ କରାଯାଇଛି, ସେହି ସମସ୍ତ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରି ରଜଡ ଡ୍ରାଫ୍ଟ ଭୋଟର ତାଲିକା ପ୍ରସ୍ତୁତ କରିବେ । ଯେଉଁ ଭୋଟରଙ୍କ ଠାରୁ ଗଣନା ଫର୍ମ ଗ୍ରହଣ କରାଯିବ ନାହିଁ, ସେମାନଙ୍କ ନାମ ଡ୍ରାଫ୍ଟ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ନାହିଁ । ଯଦି କୌଣସି ଭୋଟର ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ପୂରଣ ହୋଇଥିବା ଗଣନା ଫର୍ମ ଦାଖଲ କରିବାରେ ଅସମର୍ଥ ହୁଅନ୍ତି, ତେବେ ସେମାନେ ଦାବି ଏବଂ ଆପତି ଅବଧି ମଧ୍ୟରେ ଅନ୍ତର୍ଭୁକ୍ତି ପାଇଁ ଘୋଷଣା ଫର୍ମ ସହିତ ଫର୍ମ ନମ୍ବର ୬ ଦାଖଲ କରିପାରିବେ । ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ କରାଯାଇପାରିବ । ଦାବି ଓ ଆପତିର ନିଷ୍ପତି ୦୨ ସେପଟ୍ମେର ସୁଦ୍ଧା କରାଯିବା ପରେ ୦୬ ସେପଟ୍ମେର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ । ଭୋଟରମାନଙ୍କ ସୁବିଧା ପାଇଁ ଆମ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ହେଲ୍ପ ଡ଼େସ୍କ ମାନ ଖୋଲାଯାଇଛି । ଯେପରି ଜଣେ ମଧ୍ୟ ଭୋଟର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେଥିପାଇଁ ହେଲ୍ପ ଲାଇନ ନମ୍ବର ରହିଛି । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ ଫ୍ରି ନିର୍ବାଚନ ହେଲ୍ପ ଲାଇନ ନମ୍ବର ରହିଛି । ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଂଚଳର ବୁଥ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିପାରିବେ । ଏହାସହ voters.eci.gov.in ପୋର୍ଟାଲ ଏବଂ "Voter Helpline App" ମାଧ୍ୟମରେ ମଧ୍ୟ ଭୋଟର ସମ୍ବନ୍ଧୀୟ ସମସ୍ତ ସୂଚନା ମିଳିପାରିବ । ଜିଲ୍ଲାର ୯ ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲଓ ମାନଙ୍କୁ ଗଣନା ଫର୍ମଗୁଡ଼ିକ ଦିଆଯାଇସରିଛି । ଆସନ୍ତାକାଲି ବିଏଲଓମାନେ ଘରକୁ ଘର ଯାଇ ଫର୍ମଗୁଡିକ ଦେବେ । ଜିଲ୍ଲାର ସମସ୍ତ ମତଦାତା ବୁଥସ୍ତରୀୟ ଅଧିକାରୀମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଏହି ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଭୋଟର ମାନଙ୍କୁ ସଚେତନ କରିବା ପାଇଁ ଆଜି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ଅମ୍ଲାନ ଅପରାଜିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆଜି ଗଣମାଧ୍ୟମ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟ ଉଦ୍ଘାଟିତ ହୋଇଯାଇଛି ।

# ମିଶନଶକ୍ତି ଗୃହ ସମ୍ମୁଖରେ ମୃତ୍ୟୁର ଫାଶ



ଜଳେଶ୍ୱର(ନିପ୍ର): ଭିତିଭୂମି ସଜାଡ଼ିବା ନାଁରେ ବିଦ୍ୟୁତ୍ କୋମ୍ପାନୀ ଗୁଡ଼ିକ କୋଟି କୋଟି ଟଙ୍କା ପାଉଥିବାବେଳେ କେତେକ ସ୍ଥାନରେ କେବଳ କାଗଜ କଲମରେ ସୀମିତ ରହିଛି । ଜଳେଶ୍ୱର ବ୍ଲକ ଖୁଲୁଡା ପଂଚାୟତ, ୪ ନଂ ୱାର୍ଡରେ ଥିବା ମିଶନ ଶକ୍ତି ଗୃହ ସମ୍ମୁଖରେ ଦୁଇଟି ମୁକୁଳା ଟ୍ରାନ୍ସଫର୍ମର ମୃତ୍ୟୁର ଫାଶ ହୋଇ ଛିଡ଼ା ହୋଇଛି । ଦୁଇ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଉକ୍ତ ମିଶନ ଶକ୍ତି କାର୍ଯ୍ୟାଳୟକୁ ପଂଚାୟତ ଅଧିନ ୮ଟି ଗ୍ରୁପର ମହିଳା ମାନେ ଯାତାୟାତ କରିଥାନ୍ତି । ସେମାନଙ୍କ ସହ ଆସୁଥିବା ଛୋଟ ପିଲା ଏବଂ ଗୃହପାଳିତ ପଶୁ ମାନଙ୍କ ଲାଗି ପରିସର ବିପଦ ସଙ୍କୁଳ ରହିଛି । ଟ୍ରାନସ୍ଫର୍ମର ଗୁଡ଼ିକ ପାଣିଥିବା ସ୍ଥାନରେ ରହିଥିବା ବେଳେ ବିଦ୍ୟୁତ୍ ତାର ଗୁଡ଼ିକ ଏଣେ ତେଣେ ଝୁଲି ରହିଛି । ବର୍ଷା ଦିନିଆ ସେଠାକୁ ଚଳାଚଳ ବିପଦପୂର୍ଣ୍ଣ ଥିବା ବେଳେ ଟ୍ରାନ୍ସଫର୍ମର ସ୍ଥାନାନ୍ତର କିମ୍ବା ମରାମତି କରାଯାଇ ସୁରକ୍ଷା ବାଡ଼ ଦେବାକୁ ଗ୍ରାମବାସୀ କହିଛନ୍ତି । ଭାରପ୍ରାପ୍ତ ସରପଂଚ ଜ୍ୟୋତ୍ସ୍ନା ରାଣୀ ସାମଲ, ଶଶାଙ୍କ ଆଚାର୍ଯ୍ୟ, ମନମୋହନ ଆଚାର୍ଯ୍ୟ, ଅଜୟ କୁମାର ମହାପାତ୍ର, ବ୍ରଜେନ୍ଦ୍ର ଆଚାର୍ଯ୍ୟ, ମଂଜୁଲତା ଗିରି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ବିଦ୍ୟୁତ୍ ସୁରକ୍ଷା ଦାବି କରିଛନ୍ତି ।

# ସୋର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ସୋର(ନିପ୍ର): ଗତକାଲି ଇଦ-ଉଲ-ଜୁହା ସମୁହ ନମାଜପାଠ ବେଳେ ଦୁଇଟି ଗୋଷ୍ଠୀ ମଧ୍ୟରେ ହୋଇଥିବା ଉତେଜନାକୁ ଆଖି ଅଗରେ ରଖି ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୋର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖନ୍ତାପଡ଼ା ଥାନାଧିକାରୀ, ଏସ୍‌ଆଇ ପ୍ରଭାକର ସାହୁ, ସାଧୁ ସିଂ ଗାଗରାଇ, ପ୍ରୀତିଜିତ ମହାନ୍ତିଙ୍କ ସମେତ ଥାନାର ସମସ୍ତ ପୁଲିସ ଅଧିକାରୀ, କର୍ମଚାରୀ ଓ ୩ ପ୍ଲାଟୁନ୍ ଫୋର୍ସ ଏହି ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ । ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମଛକରୁ ବାହାରି ବାମ୍ପିଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଛତ୍ରପୁର, କୋର୍ଟ ଛକ ଦେଇ ମେଡିକାଲ ଛକ ଶେଷ ହୋଇଥିଲା । ଏହି ସମୟରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା । ସୋର ସହରର ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଲୋକମାନଙ୍କ ସହଯୋଗ ଲୋଡ଼ାଯାଇଥିଲା ।



# ଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

ସମ୍ବଲପୁର(ଏଜେନ୍ସି): ସମ୍ବଲପୁର ସହରର ଭୁତାପଡ଼ା ସ୍ଥିତ ମାଁ ମଙ୍ଗଳା ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥଙ୍କ ଦାରୁ ମୂର୍ତି ବିଗ୍ରହ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପୂଜନୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ଓ ପବିତ୍ର ପୁରୁଷୋତମ ମାସ ଜ୍ୟୋଷ୍ଠ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥି ଅବସରରେ ଆଜି ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ବିଶ୍ୱକର୍ମା ମହାରଣା ରୂପକାର ସେବକ କଳ୍ପତରୁ ପଣ୍ଡା ଏବଂ ଗୋବିନ୍ଦ ମହାରଣା ପବିତ୍ର ନିମ୍ବ ବୃକ୍ଷ କାଠରେ ଶ୍ରୀଜଗନ୍ନାଥଙ୍କ ଦାରୁ ମୂର୍ତି ବିଗ୍ରହ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିଥିଲେ ଓ ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ବିଧି ଅନୁସାରେ ପୂଜାକାର୍ଯ୍ୟ କରିଥିଲେ ।

## AFFIDAVIT

By virtue of an affidavit sworn before Executive Magistrate, Balasore dated 13.07.2022 I, Amita Barik, aged about 38 years, W/o- Umakanta Barik, At- Binjha, Po- Khadikapada, PS- Basta, Dist- Balasore declare that I have changed my name from Namita Barik to Amita Barik. Henceforth, I shall be known as Amita Barik for all purposes.

Sd/-
Amita Barik

## AFFIDAVIT

By virtue of an affidavit sworn before Executive Magistrate, Khaira, Balasore dated 19.05.2026, I, Annapurna Sethi@Basanti Sethi, aged about 54 years, W/o- Babula Sethi of At- Naranpur, Po- Dagarpada, PS- Khaira, Dist- Balasore, Odisha declare that my name has been mentioned as Annapurna Sethi in my Adhar Card vide No. 3820 9751 6534. But my voter Card vide No. OR/03/016/036711 and LIC Bond vide Policy No. 588504255 my name has been mentioned as Basanti Sethi. My LIC Bond was prepared according to my Voter ID Card. I am one and same person in this two names Annapurna Sethi and Basanti Sethi.

Sd/-
Annapurna Sethi

ASA INTERNATIONAL
INDIA MICROFINANCE LTD.
WE ARE HIRING!
Post: LOAN OFFICER / SR. LOAN OFFICER
Qualification: HS & Above
Age: Up to 32 years
Salary: Best in the industry + others benefit
Male/ female both can apply
Posting Location: Balasore ( Odisha )
Experience: Fresher/ Experienced candidate can apply
Candidate must have Bike & DL
(Lerner license may be considered)
Send your resume to:
Whats app: 7596045064
Email: jobs@asaindiamf.com / balasore.rm@asaindiamf.org
Grow your carrier with ASA India!
EMPOWERING PEOPLE. TRANSFORMING LIVES.

No. 32001/292/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No 1861 Dated 26.05.2026
Identification No-S.E.M.I.D. MBJ.No.-03/MID, MBJ/2026-27

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of works | 8 Nos. |
| 3 | Tender amount | 25.42 Lakh to 80.21 Lakh Approx. (Detail list of works Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 02.06.2026 at 10.00 AM to 11.06.2026 up to 5.00 P.M. |
| 7 | Last date/ Time for receipt of Bids in the Portal | 11.06.2026 up to 5.00 P.M. |
| 8 | Date /Time of Opening of Technical Bid | 12.06.2026 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj At/Po-Baripada Dist-Mayurbhanj PIN-757001 E-Mail:- mi.divisionbaripada@gmail.com |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd/-
Superintending Engineer
Minor Irrigation Division, Mayurbhanj

OIPR. 32001/32041/1/26-27/0001

No. 10001/203/2627

ZILLA SWASTHYA SAMITI, MAYURBHANJ
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

Advt. No. 2855 / NHM /2026 Dt: 27.05.2026

**Tender Call Notice**

Tenders are invited from the interested eligible bidders for **"TENDER FOR SUPPLY OF CALIBRATED BLOOD COLLECTION DRAPE"**. The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in/tender. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **11.00 A.M. of 19.06.2026** through Regd/Speed post/ Courier and the same will be opened on **dt:19.06.2026 at 11.30 AM**. The undersigned reserves the right to reject any or all the tender(s) without assigning any reason thereof.

Sd/-
Chief District Medical& Public Health Officer
Mayurbhanj

OIPR. 10001/10020/1/26-27/0004











ଅଧିକାଂଶ ବ୍ୟକ୍ତି ଅନ୍ୟର ପରିବର୍ତ୍ତନ କାମନା କରନ୍ତି, କିନ୍ତୁ ନିଜର ପରିବର୍ତ୍ତନ ସମ୍ପର୍କରେ ଜାଣି ପାରନ୍ତି ନାହିଁ ।

# ଆଜିକାଲି



*ଅହଂକାରେଣ ମୂଢ଼ାତ୍ମା, ଗୀତାର୍ଥଂ ନୈବ ମନ୍ୟତେ*
*କୁମ୍ଭୀପାକେଷୁ ପଚ୍ୟେତ, ଯାବତ୍ କଳ୍ପକ୍ଷୟୋ ଭବେତ୍*
*(ଶ୍ରୀମଦ୍ ଭଗବଦ୍ ଗୀତା)*
ଭାବାର୍ଥ : ଯେଉଁ ମୂଢ଼ମନା ବ୍ୟକ୍ତି ଗୀତାର ଅର୍ଥକୁ ମାନେ ନାହିଁ, ସେ କଳ୍ପକ୍ଷୟ ହେବା ପର୍ଯ୍ୟନ୍ତ କୁମ୍ଭୀପାକ ନରକରେ ପଡ଼ି ସିଝୁଥାଏ ।

## ନୈରାଶ୍ୟଜନକ ଆର୍ଥିକ ସ୍ଥିତି

ପଶ୍ଚିମ ଏସିଆରେ ସଂକଟ କାରଣରୁ ବିଶ୍ୱରେ ସୃଷ୍ଟି ହୋଇଥିବା ଗମ୍ଭୀର ଅନିଶ୍ଚିତତା ମୁହୂର୍ତ୍ତରେ ଭାରତର ଅର୍ଥନୀତି ଯେ, ଅସୁରକ୍ଷିତ ହୋଇପଡିଛି, ଏହା କ୍ରମାଗତ ଦୁଇଥର ତୈଳ ଦର ବୃଦ୍ଧି ପ୍ରଦର୍ଶନ କରେ ବୋଲି କୁହାଯାଇପାରିବ । କହିବା ଅଯଥାର୍ଥ ହେବ ଯେ, ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଗ୍ୟାସର ଦରବୃଦ୍ଧି ଏବେ ପରିବହନ, ଉତ୍ପାଦନ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧିରେ ରୂପାନ୍ତରିତ ହୋଇଛି । ଏକ ବିଶ୍ଳେଷଣତ୍ମକ ଆକଳନ ରିପୋର୍ଟରେ କୁହାଯାଇଛି ଯେ, କେବଳ ତୈଳ ଦର ବୃଦ୍ଧି ଆଗାମୀ ମାସଗୁଡିକରେ ୧୦ରୁ ୨୫ ବେସିକ ପଏଂଟ ମୂଲ୍ୟବୃଦ୍ଧି କରିପାରେ । ଗଲା ଏପ୍ରିଲ ମାସ ସୁଦ୍ଧା ବୈଶ୍ୱିକ ସ୍ତରରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ୬୭ ପ୍ରତିଶତ ବୃଦ୍ଧି ପାଇଥିଲା ବେଳେ ବିଶ୍ୱବ୍ୟାପୀ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି । ଏବେ ଅଶୋଧିତ ତୈଳର ବ୍ୟାରେଲ ପିଛା ୧୦୦ ଡଲାରକୁ ବୃଦ୍ଧି ବିଭିନ୍ନ ସେକ୍ଟରରେ ଦରବୃଦ୍ଧିର କାରଣ ହୋଇଛି । ଇତିମଧ୍ୟରେ ବହୁ ବଡ ବଡ ଫାଷ୍ଟ ମୁଭିଂ କଂଜୁମର ଗୁଡସ (ଏଫଏମସିଜି) କମ୍ପାନୀ ଦୁଗ୍ଧ, ରୁଟ୍ ସମେତ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ୩ ପ୍ରତିଶତରୁ ୭ ପ୍ରତିଶତ ବୃଦ୍ଧି କରିସାରିଲେଣି । ଯାହାର ସିଧାସଳଖ ପ୍ରଭାବ ହାଣ୍ଡିଶାଳ ଏବଂ ରନ୍ଧାଖାଦ୍ୟ ଉପରେ ପଡିଛି । ଲୋକଙ୍କ ରୋଜଗାର ସୀମିତ ଥିବାରୁ ଘରର ବ୍ୟୟଭାର ଉପରମୁହାଁ ହୋଇଛି । ଅନ୍ୟପକ୍ଷରେ ଦେଶରେ ଦେଶରେ ନିଯୁକ୍ତି ହ୍ରାସ ପାଉଥିବାବେଳେ କୃତ୍ରିମ ବୃଦ୍ଧିମତା (ଏଆଇ) ଛଟେଇ ବଢିଚାଲିଛି । ଆସନ୍ତା ୨୦୩୦ ସୁଦ୍ଧା ଏଆଇ ଭାରତରେ ୨୦ ରୁ ୨୫ପ୍ରତିଶତ ନିଯୁକ୍ତି ହ୍ରାସ ପାଇବ ନେଇ ଆକଳନ କରାଯାଏ । ଗୋଟିଏ ପଟେ ନିଯୁକ୍ତି ହ୍ରାସ, ଅନ୍ୟପଟେ ଦରଦାମ ବୃଦ୍ଧିର ସିଧାସଳଖ ଜୀବନ ଜୀବିକାକୁ ପ୍ରଭାବିତ କରିବ । ପରିଣତି ସ୍ୱରୂପ ଖାଉଟିଙ୍କ ଚାହିଦା ହ୍ରାସ ପାଇବା ସହ ପରିଣତି ସ୍ୱରୂପ ଖାଉଟିଙ୍କ ଚାହିଦା ହ୍ରାସ ପାଇବା ସହ ବ୍ୟବସାୟିକ ବାରମ୍ବାର ହ୍ରାସ ପାଇବା ନେଇ ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଆୟ ତୁଳନାରେ ଖାଦ୍ୟ ସାମଗ୍ରୀ, ପରିବହନ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା ଯୋଗୁଁ ସ୍ୱଳ୍ପ ମଧ୍ୟମ ଆୟକାରୀ, ସଂଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ଉଲ୍ଲେଖ କରାଯାଇପାରେ ଯେ, ଭାରତ ଏବେ ଏକକାଳୀନ ୩ଟି ଆର୍ଥୀକ ଚାପର ସମ୍ମୁଖୀନ ହୋଇଛି, ଯାହା ଉପରେ ଏହାର ନିୟନ୍ତ୍ରଣ ସୀମିତ । ଆମଦାନୀ ଶକ୍ତି ମୂଲ୍ୟ ମୁଦ୍ରାସ୍ଫିତିକୁ ଉପରମୁହାଁ କରିଥିବାବେଳେ ବେକାରୀ ସଂକଟ ଏବଂ ଡଲାର ତୁଳନାରେ ଟଙ୍କାର କ୍ରମାଗତ ମୂଲ୍ୟ ହ୍ରାସ ଉପରେ ଭାରତର ନିୟନ୍ତ୍ରଣ ସୀମିତ । ଗତ ବର୍ଷକ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୧୧ ପ୍ରତିଶତ ହ୍ରାସ ଘଟି ଏବେ ୯୬ ଟଙ୍କା ୩୯ ପଇସାରେ ପହଁଚିଛି । ଆଗକୁ ଟଙ୍କାର ମୂଲ୍ୟ ହ୍ରାସ ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଯାହାଦ୍ୱାରା ଆମଦାନୀ ବ୍ୟୟ ବୃଦ୍ଧି ପାଇବା ସହ ବୈଦେଶିକ ମୁଦ୍ରା ଭଣ୍ଡାର ସଂକୁଚିତ ହେବାରେ ଲାଗିଛି । ବାଣିଜ୍ୟିକ ନିଅଂଟ ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ଗଲା ମାର୍ଚ୍ଚ ମାସରେ ବାଣିଜ୍ୟିକ ନିଅଂଟ ୨୦.୭ ବିଲିଅନ ଡଲାର ଥିବାବେଳେ ଏପ୍ରିଲରେ ୨୮.୪ ବିଲିଅନ ଡଲାରକୁ ବୃଦ୍ଧି ପାଇଛି । କେବଳ ଏତିକି ନୁହେଁ, ମଧ୍ୟପ୍ରାଚ୍ୟ ବିବାଦ ଯୋଗୁଁ ଦେଶରୁ ବୈଦେଶିକ ପୁଞ୍ଜିନିବେଶକାରୀ ପ୍ରାୟ ୨ ଟ୍ରିଲିଅନ ଅଂଶଧନ ପ୍ରତ୍ୟାହାର କରିସାରିଲେଣି । ସେହିପରି ଟଙ୍କା ମୂଲ୍ୟରେ ଅବନତି ଯୋଗୁଁ ଗତ ଫେବୃୟାରୀ ବୈଦେଶିକ ମୁଦ୍ରା ଭଣ୍ଡାର ୭୨୮ ବିଲିଅନ ଡଲାରରରୁ ୬୯୦ ବିଲିଅନ ଡଲାରକୁ ହ୍ରାସ ପାଇଛି । ଟଙ୍କାର ସ୍ଥିରତା ପାଇଁ ସୁଧହାର ବୃଦ୍ଧି ପୁଞ୍ଜି ନିବେଶକୁ ଆହୁରି ଦୁର୍ବଳ କରିଦେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଆହୁରି ମଧ୍ୟ ଅଭିବୃଦ୍ଧି ଓ ନିଯୁକ୍ତିକୁ ପ୍ରଭାବିତ କରିପାରେ । ତୈଳ ଉପରେ ରିହାତି ଦେଶର ଆର୍ଥୀକ ଚାପକୁ ଆହୁରି ବ୍ୟାପକ କରିପାରେ । କହିବା ବାହୁଲ୍ୟ ଯେ, ଗୋଲଡିଲକ୍ ପରିଅଡ ଏବେ ଶେଷ ହୋଇ ଯାଇଛି । ଭାରତ ଏବେ ଏପରି ଏକ ସମୟ ଦେଇ ଗତି କରୁଛି ଯେତେବେଳେ ମୁଦ୍ରାସ୍ଫୀତି, ବେକାରୀ, ଟଙ୍କା ଦୁର୍ବଳ ସ୍ଥିତି ଗୋଟିଏ ଅନ୍ୟ ଉପରେ ଚାପ ପ୍ରୟୋଗ କରିଚାଲିଛି । ଦେଶର ଆର୍ଥୀକ ଅଭିବୃଦ୍ଧି ହ୍ରାସ ପାଇବାରେ ଲାଗିଛି । ଭାରତ ଚତୁର୍ଥ ବିଶ୍ୱ ଆର୍ଥୀକ ମହାଶକ୍ତିରୁ ଷଷ୍ଠ ସ୍ଥାନକୁ ଖସି ଆସିଛି । ଏଭଳି ଏକ ଆର୍ଥୀକ ଦୁରାବସ୍ଥା ସ୍ଥିତି ନିକଟ ଭବିଷ୍ୟତରେ ସମାଧାନ ଆଶା କ୍ଷୀଣ ରହିଛି । ଯେଉଁଥିପାଇଁ କି ପ୍ରଧାନମନ୍ତ୍ରୀ ତୈଳ ସଂରକ୍ଷଣ, ବିଦେଶ ଗସ୍ତ ନକରିବା, ଖର୍ଚ୍ଚ କାଟ ଉପରେ ଗୁରୁତ୍ୱ ଦେଇଛନ୍ତି । ତେବେ ସରକାର ଏଭଳି ପରିସ୍ଥିତିର ମୁକାବିଲା କରୁଛନ୍ତି, ଏବେ କେବଳ ଦେଖିବାକୁ ଅପେକ୍ଷା ।

## ଆତ୍ମଜ୍ଞାନଶୂନ୍ୟ ମଣିଷ

◆ ସୁମନ୍ତ କୁମାର ଭୂୟାଁ

ମଣିଷ ମହାଶୂନ୍ୟରେ ବିଚରଣ କଲାଣି । ବିଜ୍ଞାନ ଆମକୁ ଏକ ଭିନ୍ନ ମଣିଷରେ ପରିଣତ କରିସାରିଥିଲେ ହେଁ ଆମେ ନିଜକୁ ଚିହ୍ନିପାରି ନାହିଁ । ଆମଠାରେ ଆତ୍ମଜ୍ଞାନର ଘୋର ଅଭାବ । ଏଣୁ ଚାରିଆଡ଼େ ମଣିଷ ଜନିତ ବିଭୀଷିକାର ତାଣ୍ଡବ । ଆଧ୍ୟାତ୍ମିକତା ଛାଡ଼ି ଆମେ ଅବାସ୍ତବତାର ଦାସ । ଅବାସ୍ତବ ସମସ୍ୟାରେ ଜଡ଼ିତ ହୋଇ ନିଜକୁ ଧ୍ୱଂସ କରିଚାଲିଛେ । ଆତ୍ମାର ସ୍ୱର ଶୁଣିପାରୁନାହେଁ । ଏ ପ୍ରସଙ୍ଗରେ ପ୍ରାଚୀନ ଇଜିପ୍ଟର କିମ୍ବଦନ୍ତୀଟିଏ ଜାଣିବା ହେଉ । ମରୁଭୂମିରେ ବାସ କରୁଥିଲା ଏକ ବିଚିତ୍ର ପ୍ରାଣୀ । ତା'ର ଶରୀର ସିଂହୀର ଏବଂ ମସ୍ତକ ମାନ୍‌ବୀର । ନାମ ସ୍ଫିଙ୍କସ୍ ଓଡ଼ିଆରେ ସିଂହାସୁରୀ କୁହାଯାଇପାରେ । ତା' ହାବୁଡ଼ରେ କେହି ଏକୁଟିଆ ପଥିକ ପଡ଼ିଲେ ସେ ପଚାରୁଥିଲା, ଏମିତି ଏକ ପ୍ରାଣୀର ନାମ କହ, ଯିଏ ସକାଳେ ଚାରି ଗୋଡ଼ରେ, ଖରାବେଳେ ଦୁଇ ଗୋଡ଼ରେ ଏବଂ ରାତିରେ ତିନିଗୋଡ଼ରେ ବିଚରଣ କରେ । ଉତର ଦେଇ ନପାରିଲେ, ପ୍ରାଣ ଯିବ । ସିଂହାସୁରୀର ପ୍ରଶ୍ନର ଉତର ଦେଇ ନ ପାରି ଅନେକ ପ୍ରାଣ ହରାଇବା ପରେ ଓଡ଼ିପସ୍ ଠିକ୍ ଉତର ଦେଇଥିଲେ । ମଣିଷ ଶୈଶବରେ ହାତ-ଗୋଡ଼ ଅର୍ଥାତ୍ ଚାରି ଗୋଡ଼ରେ, ଯୌବନରେ ଦୁଇ ଗୋଡ଼ରେ ଏବଂ ବାର୍ଦ୍ଧକ୍ୟରେ ବାଡ଼ି ଧରି ଅର୍ଥାତ୍ ତିନିଗୋଡ଼ରେ ବିଚରଣ କରେ । ଉତର ପାଇବା ପରେ ସିଂହାସୁରୀ ପାହାଡ଼ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲା । ଏହି କିମ୍ବଦନ୍ତୀରୁ ଅନେକ କିଛି ଶିକ୍ଷା କରାଯାଇପାରେ । ଯେପରିକି, ମଣିଷ ନିଜକୁ ଚିହ୍ନେନା । ନିଜକୁ ଚିହ୍ନିଲେ ମୃତ୍ୟୁ ଭୟ ଦୂର ହୁଏ । ପୁଣି ସିଂହାସୁରୀ ଅବାସ୍ତବ ଆଉ ଅବାସ୍ତବତା ମଧ୍ୟରେ ଘାଂଟିହୋଇ ମଣିଷ ନିଜର ହିଁ କ୍ଷତି କରିଚାଲିଛି ।

*ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା ସମିତି, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର: ୯୯୩୭୪୭୦୯୮୦*

*କ୍ରମାନୁଗତିକ ପରିବର୍ତ୍ତନ ସହିତ ଭବିଷ୍ୟଦ୍ରଷ୍ଟା ବିଚାର ଓ କାର୍ଯ୍ୟଶୈଳୀ ଉପରେ ନିର୍ଭର ରାଷ୍ଟ୍ରର ପ୍ରଗତି ! ଅଯୌକ୍ତିକ, ଅସାମସ୍ୟ ପ୍ରବଚନ କ୍ଷିଣ ଆଶାୟୀ କରିପାରେ, କିନ୍ତୁ ବାସ୍ତବତାର ରୂପ ନେବା ଅସମ୍ଭବ !!*

# ରାଷ୍ଟ୍ରୀୟ ପ୍ରଗତିର ମୂଳ ଆଧାର

◆ ପଙ୍କଜ କୁମାର ପାଣିଗ୍ରାହୀ

ପୁରାତନ ପ୍ରସ୍ତର ଯୁଗରୁ ସମୟାନୁକ୍ରମ ପରିବର୍ତ୍ତିତ ଆଜିର ଯେଉଁ ସଭ୍ୟ ସମାଜ ଦେଖିବାକୁ ମିଳୁଛି ତାହାର ବ୍ୟବସ୍ଥାପିତ ରୂପରେଖ ଉପରେ ସାଧାରଣ ମଣିଷଙ୍କ ପର୍ଯ୍ୟାପ୍ତ ଜ୍ଞାନ ନଥାଇ ମଧ୍ୟ ସବୁ ଜାଣିବାର ଅଭିନୟ କରୁଥିବା କାରଣରୁ ବହୁ ଦଶନ୍ଧି ଧରି ସୀମିତ ବର୍ଗର ଗୋଷ୍ଠୀଙ୍କ ଦ୍ୱାରା ସମଗ୍ର ସମାଜ ପରିଚ୍ଛଳିତ, ପ୍ରତାରିତ ହୋଇ ଆସୁଥିବା ସମସ୍ତେ ଜାଣନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଆସ୍ଥା, ଆଗ୍ରହ ରହିନଥିବା ପ୍ରକାଶ କରନ୍ତି ଅନେକ ବ୍ୟକ୍ତି । ବାସ୍ତବରେ କେଉଁ ଜ୍ଞାନର ଅଭାବ ହେତୁ ସାମାଜିକ ଅଭାବନୀୟତା ଦେଖା ଯାଉଅଛି ତାହାରି ଉପରେ ଗବେଷଣାତ୍ମକ ଆଲୋଚନା ପରିବେଷଣ ହେଉ ନଥିବା ହେତୁ ସାଧାରଣ ଜନତା ସଠିକ ଆକଳନ କରିବାରେ ଅସମର୍ଥ ହେଉଛନ୍ତି । ଆମ ସାମାଜିକ ବ୍ୟବସ୍ଥାର ମୂଳ ଆଧାର ଏବଂ ତାହାର ଉତରୋତର ବିକାଶ ବାଧିତ ହେବାର ମୁଖ୍ୟ କାରଣ ଗୁଡିକ ଉପରେ ଗୋଟିଏ ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଦେଖିବା.. ବାଲ୍ୟ ସମୟର ସାମୁହିକ ଜ୍ଞାନ ଉପରେ ଆଧାରିତ ଶିକ୍ଷା ସମାପ୍ତି କରିବା ପରେ କିଶୋର, କିଶୋରୀଙ୍କୁ ଯେଉଁ ଧାରାରେ ଶିକ୍ଷା ଦିଆଯିବା ବ୍ୟବସ୍ଥା ଆବହମାନ କାଳରୁ ପ୍ରଚଳିତ ଅଛି ସେଥି ମଧ୍ୟରେ ମୁଖ୍ୟତଃ କଳା, ବିଜ୍ଞାନ ଓ ବାଣିଜ୍ୟ, ତିନୋଟି ଶ୍ରେଣୀଭୁକ୍ତ ପାଠ୍ୟକ୍ରମ ରହିଥାଏ । ଏହି ତିନୋଟି ଶ୍ରେଣୀର ପାଠ୍ୟକ୍ରମ କେବଳ ସାମାଜିକ ପରିଚ୍ଛଳନା, ଉତରୋତର ପ୍ରଗତିର ପଥ ପ୍ରଦର୍ଶକ ହେଉଥିବା ବେଳେ ଭିନ୍ନ ଭିନ୍ନ ରୁଚି ରଖିଥିବା ଛାତ୍ର, ଛାତ୍ରୀ ସମ୍ପୃକ୍ତ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ବିଭିନ୍ନ ସାମାଜିକ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ଏହି ବ୍ୟବସ୍ଥା କରାଯାଇ ଅଛି । ବ୍ୟବସ୍ଥାପିତ ଏହି ତିନୋଟି ପାଠ୍ୟକ୍ରମ ମଧ୍ୟରେ ବିଜ୍ଞାନକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବାଣିଜ୍ୟ ଦ୍ୱିତୀୟରେ ରହି କଳାକୁ ତୃତୀୟ ସ୍ଥାନିତ କରାଯାଇ ଥିବା ବିଷୟ ସମସ୍ତଙ୍କୁ ଗୋଚର । ଏହାର କାରଣ ହେଉଛି ବିଜ୍ଞାନ ଏବଂ ବାଣିଜ୍ୟ ରାଷ୍ଟ୍ରର ପ୍ରଗତିରେ ପ୍ରାଧାନ୍ୟତା ରଖୁଥିବା ବେଳେ କଳା ପାଠ୍ୟକ୍ରମରେ ରହିଥିବା ବିଷୟ ଗୁଡିକ ସାମାଜିକ ପରିଚ୍ଛଳନାରେ ବିଶେଷ ସହାୟକ ହୋଇଥାଏ । ତେଣୁ ଏହି ପାଠ୍ୟକ୍ରମ ଗୁଡିକୁ ନେଇ ଆମ ସାମାଜିକ ବ୍ୟବସ୍ଥା କେଉଁ ଦିଗରେ ପରିଚ୍ଛଳିତ କରାଗଲେ ରାଷ୍ଟ୍ରର ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ ଏବଂ ବର୍ତ୍ତମାନର ପ୍ରଚଳିତ ସ୍ଥିତି ଉପରେ ଦୃଷ୍ଟିପାତ କଲେ ଜାଣିହେବ ଯେ.. ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଖରତା ଅତ୍ୟାଧୁନିକ ପ୍ରେରଣା, ସୌଖିନ ଜୀବନ ଶୈଳୀ ଦେଇ ପାରୁଥିବା କାରଣରୁ ପୃଥିବୀ ପୃଷ୍ଠରେ ମଣିଷ ଆଜି ଅତି ଉଚ୍ଚକୋଟୀର ପ୍ରାଣୀ ଭାବେ ପରିଚିତ । ଏକ ନିଷ୍କର୍ଷରୁ ସଦ୍ୟ ପ୍ରମାଣିତ ହୁଏଯେ ଆଜି ସମୟରେ ଯେତେଗୁଡ଼ିଏ ବୈଜ୍ଞାନିକ କୌଶଳ, ପଦାର୍ଥ ଏବଂ ଯନ୍ତ୍ର ସବୁ ଭାରତ ବର୍ଷରେ ବ୍ୟବହୃତ ହେଉଛି ସେଗୁଡିକ ମଧ୍ୟରୁ କୌଣସି ଗୋଟିଏ ହେଲେ ଆମ ଦେଶରେ ଉଦ୍ଭାବନ / ଅବିଷ୍କୃତ ହୋଇ ନାହିଁ ଯାହା କେବଳ ପାଶ୍ଚାତ୍ୟର ଦେୟ ମାତ୍ର ! ଅନୁରୂପ ବାଣିଜ୍ୟ କ୍ଷେତ୍ରର ଅନୁଭୂତି ଏବଂ କୌଶଳ ଗୁଡିକ ମଧ୍ୟ ପାଶ୍ଚାତ୍ୟ ଦେଶ କିମ୍ବା ସେମାନଙ୍କ ବଂଶଜ ମାନଙ୍କ ପ୍ରୟୋଗାତ୍ମକ ଅଭିଜ୍ଞତାରୁ ଉଦ୍ଧୃତ ଯାହା ଭାରତୀୟ ମାନଙ୍କ ନିଜସ୍ୱ ବିକଶିତ ଅନୁଭୁତିରୁ ଆସିନାହିଁ । କଳା କ୍ଷେତ୍ରରେ ନିର୍ଦ୍ଧାରିତ କେତେକ ପାଠ୍ୟକ୍ରମ ମଧ୍ୟରୁ କେବଳ ସାହିତ୍ୟ ଏବଂ ଇତିହାସ ବ୍ୟତୀତ ଅନ୍ୟାନ୍ୟ ପାଠ୍ୟକ୍ରମ ଗୁଡିକ ମଧ୍ୟ ସବୁ ବୈଦେଶିକ ବିଚାରଧାରାରେ ଅଭିଲିଖିତ ! ଅର୍ଥାତ କହିବାକୁ ଗଲେ କେବଳ ସାହିତ୍ୟ ଏବଂ ଇତିହାସ ବ୍ୟତୀତ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ କୌଣସି ପାଠ୍ୟକ୍ରମ କିମ୍ବା ଜ୍ଞାନ ବିକାଶ ଧାରା ହେଉକି ପ୍ରୟୋଗାତ୍ମକ କୌଶଳ ଭାରତ ବର୍ଷରେ ଉଦ୍ଭାବନ / ଅବିଷ୍କୃତ ହୋଇନାହିଁ କିମ୍ବା ଆଜି ସମୟରେ ମଧ୍ୟ କରିବା ଭଳି କୌଣସି ଅନୁସନ୍ଧିତ୍ସୁ ପରିବେଶ ଦିଶୁନାହିଁ ! ଅଧିକନ୍ତୁ ମନୋରଂଜନ, ନାଟକ, ନୃତ୍ୟ, ବ୍ୟଙ୍ଗ, ପରିହାସ, ଐତିହାସିକ ଆଲୋଚନା, ସମାଲୋଚନା, ଅନ୍ଧ ଭକ୍ତି, ସାମ୍ପ୍ରଦାୟୀକତା, ଗୋଷ୍ଠବଦ୍ଧ / ଦଳୀୟ ବିଚାର, ବିଯୁକ୍ତାତ୍ମକ ଭାବଧାରା ଭଳି ଅନେକ ପରିପାର୍ଶ୍ୱିକ ଶୈକ୍ଷିକ ବିଚାରରେ ଧୁରନ୍ଧର ଆମେ ଭାରତୀୟ ବୋଲି କହିବାରେ କୌଣସି ଅଯୌକ୍ତିକତା ନାହିଁ । ଏମିତି ହେବାର ମୂଳ ବିଷୟ କେଉଁଠି ରହିଛି କେହି ଭାବନ୍ତି ନାହିଁ କି ଭାବିଲେ ମଧ୍ୟ କିଛି ବୁଝନ୍ତି ନାହିଁ । ଅଧିକନ୍ତୁ ସେହି ଭଳି କୌଣସି ବିକାଶଶୀଳ କାର୍ଯ୍ୟ କରିବା ପାଇଁ ଭାରତୀୟ ମାନଙ୍କର କ୍ଷମତା ନାହିଁ କି ଆମ ବ୍ୟବସ୍ଥା ତାହାର ପରିପନ୍ଥୀ ହେଉନାହିଁ ବିଚାର କରିବା...... ସାହିତ୍ୟକୁ ମାଧ୍ୟମ କରି ଇତିହାସ ରଚନା କରିବା ଆମ ଦେଶର ଚତୁର୍ପାର୍ଶ୍ୱରେ ଏତିକି ବିସ୍ତାରିତ ଦେଖିବାକୁ ମିଳୁଛି ଯାହା ଅନ୍ୟ କୌଣସି ଦେଶରେ ନଥିବ । ରାଷ୍ଟ୍ରୀୟ ପ୍ରଗତିର ମୂଳ ଆଧାର ବୈଜ୍ଞାନିକ ଓ ବାଣିଜ୍ୟିକ ବିକାଶର ସୁଦୃଢ଼ ଉତ୍ସ ନାହିଁ କି ପ୍ରେରଣା ନାହିଁ । ସେଗୁଡିକର ମନୋବୈଜ୍ଞାନିକ ଭାବଧାରା ସମ୍ପନ୍ନ ଭାରତୀୟ ଅନ୍ତର୍ଜ୍ଞାନୀଙ୍କ ବାସସ୍ଥଳ ବୃକ୍ଷ କୋରଡ଼, ପାହାଡ଼ ଗୁମ୍ଫାରେ ! ଇତି ମଧ୍ୟରେ ରାଜନୀତିର ମୂଳ ମନ୍ତ୍ର ଜାଣିନଥିବା ଅଶିକ୍ଷା, ଅଜ୍ଞାନର ଚରମ ଶୀର୍ଷରେ ରହିଥିବା ଅସାମାଜିକ, ଅମାନବୀୟ କାର୍ଯ୍ୟରେ ଲିପ୍ତ ଅଧିକାଂଶ ରାଜନୈତିକ ନେତାଙ୍କ ଦୌରାତ୍ମ୍ୟ ବିଷୟ କହିବା ଆବଶ୍ୟକ ନାହିଁ ! ସବୁବେଳେ ଇତିହାସ ତଥା ପୂର୍ବ ଘଟଣାବଳୀକୁ ଦୋହରାଉଥିବା ଅଜ୍ଞାନ ରାଜନେତା ମାନେହିଁ ଆମ ଦେଶକୁ ଶାସନ କରି ଆସୁଥିବା କାହାକୁ ଅଗୋଚର ! କେବଳ ପୂର୍ବର ଅଭାବନୀୟତାକୁ ପୃଷ୍ଠପୋଷକ କରୁଥିବା ମଣିଷର ଅଭିବୃଦ୍ଧି ଉପରେ କୌଣସି ଦୃଷ୍ଟାନ୍ତମୂଳକ ପ୍ରଗତି ପରିବର୍ତ୍ତେ ଦୁର୍ଗତି ଅନିବାର୍ଯ୍ୟ ହୁଏ ଯାହା ଭବିଷ୍ୟତରେ ପୁଣି ଆଉ କାହାଦ୍ୱାରା ଚର୍ଚ୍ଚା, ସମାଲୋଚନାର ପରିସରଭୁକ୍ତ ହୋଇଥାଏ ଆମ ଦେଶରେ, ଯାହା ସବୁ ଦେଖି, ଶୁଣି ଆମର ଦେହସୁହା ହୋଇଗଲାଣି । ଶାସନ ବ୍ୟବସ୍ଥାରେ ରହି ଆସୁଥିବା କୌଣସି ରାଜନେତା ପୂର୍ବ ଶାସନ ପ୍ରଣାଳୀକୁ ପ୍ରଶଂସା କରିବା ଆମେ ଆଜି ପର୍ଯ୍ୟନ୍ତ ଶୁଣିନଥିବା ନିଶ୍ଚିତ ପ୍ରମାଣିତ କରୁଛିକି ଆମେ ଯାହାଙ୍କୁ ଦେଶ ଶାସନ ଭାର ଦେଇ ଆସୁଅଛେ ସେମାନେ ସମସ୍ତେ କେବଳ ନିଜସ୍ୱ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଟିଏ ନା'ର ଭିନ୍ନ ନାଉରୀ ଭଳି କାର୍ଯ୍ୟ ନିର୍ବାହ କରୁଥିବା ବେଳେ ସାଧାରଣ ଲୋକଙ୍କୁ ବ୍ୟାପକ ଅଭାବନୀୟତା ମଧ୍ୟରେ ପରିଚ୍ଛାଳିତ କରି ଆସୁଥିବା କଥା କିଏ ନଜାଣେ ! ପ୍ରେତ୍ୟେକ ଥର ଆମେ ଆଶାୟୀ ରହିଥାଉ କି ଏହି ଥରର ଶାସକ ଦଳ କିଛି ସୁଧାର କରିବେ । କିନ୍ତୁ ପୁନର୍ବାର ସେହି ବିପରୀତ ଆଲୋଚନା, ସମାଲୋଚନା ଛଡା କିଛି ହେଉନାହିଁ । ଏହା ଜ୍ୱଳ' ଅନୁଭୂତି କହୁଛିକି ନିଶ୍ଚିତ ଭାବେ ଆମେ ଏକ ଅସଭ୍ୟ, ହିଂସାତ୍ମକ ସମାଜରେ ବଂଚୁଛେ କେବଳ ବିଶ୍ୱାସରେ ବିଷ ପିଇ ! ଚତୁର, ଚାଟୁକାର ପ୍ରଶଂସା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବେଳେ ନିର୍ବୋଧ, ଅଜ୍ଞାନ ସେଗୁଡିକୁ ଶୁଣି ନିଜକୁ ପରୋକ୍ଷରେ ପ୍ରତାରିତ କରିଥାନ୍ତି, ଏହା ଆମ ଦେଶର ଏକ ପାରମ୍ପରିକ ଶିକ୍ଷଣୀୟତାରେ ପରିଣତ ନୀତି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସାଧାରଣ ଲୋକଙ୍କୁ ଅଜ୍ଞାନ କରି ରଖି ବିଭାଜନ ଏବଂ ଶାସନ- ଡିଭାଇଡ ଏଣ୍ଡ ରୁଲ ବ୍ରିଟିଶ ନୀତି ଅଦ୍ୟାବଧି ବଳବ□ର ରହି ଦିନକୁ ଦିନ ଅଧିକରୁ ଅଧିକ ଘନୀଭୂତ ହେଉଥିବା ପ୍ରକାଶ କରନ୍ତି ବିଜ୍ଞ, ବିଶ୍ଳେଷକ ! କହିବାକୁ ଗଲେ ପାଶ୍ଚାତ୍ୟର ରାଜନୀତି ବିଜ୍ଞାନ, ଆଇନ, କାନୁନରେ ଯୋଡ଼ିଦେଇ ତାକୁ ଯଥେଷ୍ଟ ବିକୃତ କରି ରାଜଅନୀତିରେ ପରିଣତ କରି ଚାଲିଥିବା ବ୍ୟବସ୍ଥା ବିଷୟରେ ସାଧାରଣ ଲୋକେ ସମ୍ପୂର୍ଣ୍ଣ ଅସଚେତନ ! ତେଣୁ ଏହି ଇତିହାସ ଏବଂ ରାଜଅନୀତିର ପ୍ରଖରତାର ପାରିପାର୍ଶ୍ୱିକ ପରିବେଶ ମଧ୍ୟରେ ଦିନରୁ ରାତି ପର୍ଯ୍ୟନ୍ତ ନିବିଡ଼ତା ରଖୁଥିବା ଭାରତୀୟ ଆମ ପିଢ଼ିକୁ ପିଢ଼ି ଏକ ପ୍ରକାର ଜନ୍ମଗତ ଚରିତ୍ର ପ୍ରବାହ କରି ତା'କୁ ହିଁ ସର୍ବେସର୍ବା ମନେ କରୁଥିବା ଆମ ରାଷ୍ଟ୍ରର ବିକାଶ ଯେମିତି ହେବା କଥା ହେଉଛି ଯାହା ଆମେ ଦେଖୁଛେ ! ଇତିହାସକୁ ପ୍ରତ୍ୟେକ ସମୟରେ ଦୋହରାଉଥିବା ମଣିଷ କେବେ ହେଲେ ଭବିଷ୍ୟ ଦ୍ରଷ୍ଟା ହୋଇ ପାରିବେ ନାହିଁ ! ପଛକୁ ଚାହିଁ ପଥ ଅତିକ୍ରମ କରୁଥିବା ପଥିକର ପଥ ସବୁବେଳେ କ□କିତ, କାରଣ ଆଗ ରାସ୍ତା ପରିଷ୍କାର କରିବା କ୍ଷମତାକୁ ସଂକୁଚିତ କରିଥାଏ ପୂର୍ବ ନୁଭବର କରାଳତା । ସାଧାରଣ ଲୋକଙ୍କ ପାଇଁ ନିର୍ଦ୍ଧାରିତ ସାମାଜିକ ନୀତିକୁ ବ୍ୟାପକ, ସାର୍ବଜନୀନ ନକରି ସ୍ୱେଚ୍ଛାକୃତ କାର୍ଯ୍ୟଧାରା ଚଳାଉଥିବା ରାଜନେତାଙ୍କ ଦ୍ୱାରା ପରିଚ୍ଛଳିତ ସମାଜ କେବେହେଲେ ବିକଶିତ ହୋଇପାରିବ ନାହିଁ । ତେଣୁ ଉପସ୍ଥିତ ସମୟର ବ୍ୟବହୃତ ଏହି ଦୁଇଟି ବିଷୟ ମଧ୍ୟ ସାମାଜିକ ଉନ୍ନତି ଦିଗରେ କାର୍ଯ୍ୟ ନକରି କେବଳ କ୍ଷୀଣତା ଆଡକୁ ପ୍ରବାହିତ କରୁଥିବା ସାଧାରଣରେ କେହି ଜାଣି ପାରୁନାହାଁନ୍ତି ଯାହା ଆସନ୍ତା ଭବିଷ୍ୟତରେ ପୁଣି ଆଉ କାହାଦ୍ୱାରା ଚର୍ଚ୍ଚିତ, ସମାଲୋଚିତ ହେବ । ଅଧିକନ୍ତୁ ଶିଥିଳ ଯୁକ୍ତାତ୍ମକ ମସ୍ତିଷ୍କ ଯୁକ୍ତ ମଣିଷକୁ ଅହରହ ଅଶାନ୍ତି, ଅସ୍ଥିରତା ପ୍ରବଣ କରି ରଖିବାରେ ଯଥେଷ୍ଟ ସହାୟକ ହେଉଥିବା ଏହି ଅମାନୁଷିକ ବିଚାରଧାରା ଜନିତ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଆଜି ସମୟର ଦେଖିବାକୁ ମିଳୁଛି ଆମ ଦେଶ ବ୍ୟାପି । କହିବାକୁ ଗଲେ ଆଜି ସମୟରେ ସମଗ୍ର ଭାରତ ବର୍ଷର ସାଧାରଣ ମଣିଷ ମାନଙ୍କ ମନରେ ତୃତୀୟ ସ୍ତରରେ ରହିଥିବା କେବଳ ଐତିହାସିକ ଏବଂ ରାଜନୈତିକ ଚିନ୍ତାଧାରା ବ୍ୟତୀତ କୌଣସି ଅଗ୍ରଗାମୀ ବାଣିଜ୍ୟିକ, ବୈଜ୍ଞାନିକ ଭବିଷ୍ୟ ଦ୍ରଷ୍ଟା ଉପାଖ୍ୟାନ ସଂରଚିତ ହଉନାହିଁ । ପିଢ଼ିକୁ ପିଢ଼ି ଏହି ଭାବଧାରାରେ ନିମଗ୍ନ ଆମର ବଂଶଜ ସମୂହ କେବଳ ସେହି ଦିଗରେ ହିଁ ନିମଜ୍ଜିତ ରହିଥା'ନ୍ତି । ନିଜସ୍ୱ କ୍ଷମତା ବହିର୍ଭୁତ ବିଦେଶୀ ପାଠ୍ୟକ୍ରମ ଗୁଡିକୁ ମୁଖସ୍ତ କରି କୌଣସି ସାମାଜିକ କ୍ଷେତ୍ରରେ ନିୟୋଜିତ ରୋଜଗାର ପନ୍ଥା ସହିତ କ୍ଷଣସ୍ଥାୟୀ ସାମାଜିକ ମାନ୍ୟତା ଏବଂ ଅଜସ୍ର ଅହଂଭାବର ଅପୂର୍ବ ସମ୍ଭାରରେ ବିଭୂଷିତ ଭାରତୀୟଙ୍କ ବିକାଶ କେବଳ ଆକାଶର ନକ୍ଷତ୍ର ସଦୃଶ୍ୟ ଦଣ୍ଡାୟମାନ ! ମଧ୍ୟବି□ ପରିବାରଙ୍କ ଏହି ଭାବଧାରା ସାମାଜିକ ନିମ୍ନ ସ୍ତରର ନିର୍ବୋଧ ଅଶିକ୍ଷିତଙ୍କ ପାଇଁ ପ୍ରେରଣା ଯୋଗାଉ ଥିବା ବେଳେ ରାଜନୈତିକ ନେତାଙ୍କ ଆକର୍ଷଣୀୟ ଉପହାରରେ ବିମଣ୍ଡିତ ଗରିବ, ଦଳିତଙ୍କ ବିଚାରଧାରାର ବିଶ୍ଳେଷଣ କଲେ ଥିବା ମସ୍ତିଷ୍କଟି ଶୂନ୍ୟ ହୋଇ ଯିବ । କୌଣସି ବାସ୍ତବବାଦୀ ବିକାଶଶୀଳ କାର୍ଯ୍ୟରେ ସୁଯୋଗ ସୃଷ୍ଟି କରିବା, ପ୍ରେରଣା ଦେବା ବଦଳରେ ତାହାର ବିପରୀତେ କେବଳ ଅମାନବୀୟ, ଅସାମସ୍ୟ, ବିଗତ ଘଟଣାବଳୀର ଅଭାବନୀୟ ବିଚାରଧାରା ଗୁଡିଏ ବିଭିନ୍ନ ମାଧ୍ୟମରେ ପ୍ରଚାରିତ, ପ୍ରସାରିତ କରି ଅଲୌକିକ, ମିଥ୍ୟା ସଂଭାଷଣରେ ଲୋକଙ୍କ ବିକଶିତ ମସ୍ତିଷ୍କର କ୍ଷମତା, ଦକ୍ଷତାକୁ ସଂକୁଚିତ କରି ଚାଲିଥିବା ବଂଶାନୁକ୍ରମିକ ରାଜନୈତିକ କାର୍ଯ୍ୟରେ ଲିପ୍ତ ଥିବା ନର ରାକ୍ଷସ ଗୁଡିକୁ ସାଧାରଣ ଜନତା ବର୍ଜନ ନକରିବା ପର୍ଯ୍ୟନ୍ତ ଆମେ କ୍ରୀତଦାସ ଅବସ୍ଥାକୁ ଗତି କରୁଥିବା ଦିଗରୁ ତ୍ରାହି ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ..??

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ: ୯୪୩୭୩୨୪୯୧୭*




## ଯୁଗ ପୁରୁଷ ପାର୍ଶୀସି ଚାନ୍ଦଙ୍କ ସ୍ମରଣେ

◆ ଦଶରଥ ହେମ୍ବ୍ରମ୍

ଓଡ଼ିଶାରେ ୬୪ ପ୍ରକାରଜନଜାତିର ଆଦିବାସୀ ଅଛନ୍ତି, ଯାହାଭାରତର ପ୍ରଥମ ଆଦିବାସୀବହୁଳରାଜ୍ୟ ଭାବେ ପରିଗଣିତ ।ତନ୍ମଧ୍ୟରୁସାନ୍ତାଳ ଆଦିବାସୀ ହେଉଛନ୍ତି ଅନ୍ୟତମ ।ସାଧାରଣତଃସେମାନେ କୃଷିକୁ ପ୍ରଧାନ ଜୀବିକାଗ୍ରହଣକରୁଥିବାବେଳେଶିକାରକରିବା, ମାଛ ଧରିବା, ଘରେ ଗୃହପାଳିତ ପଶୁପକ୍ଷୀ ଆଦି ପାଳନ କରିବାହେଉଛିସେମାନଙ୍କ ଅନ୍ୟ ଏକ ପ୍ରମୁଖଜୀବନ-ଜୀବିକା । ପାରମ୍ପରିକ ପ୍ରଥା ଅନୁସାରେ ନୃତ୍ୟଗୀତ ହେଉଛି ସେମାନଙ୍କର ଏକ ଅଭିଛେଦ ଅଙ୍ଗ । 'ଜାହେର୍‌ଗାଲ୍'କୁ ସେମାନେ ପବିତ୍ର ଧର୍ମପୀଠମାନୁଥିବାବେଳେ 'ହିତାଲ୍' ଓ 'ବିନ୍ତି' (ବାଖେଣ୍, କାରାମ୍ ଏବଂ ଜମ୍‌ସିମ୍) ହେଉଛି ସେମାନଙ୍କ ପବିତ୍ର ଧର୍ମଗ୍ରନ୍ଥ । ପ୍ରକୃତି ପୂଜକହୋଇଥିବାରୁସେମାନେ 'ସାର୍ନା' ଧର୍ମକୁ ପ୍ରାଧାନ୍ୟ ଦିଅନ୍ତି । 'ସାନ୍ତାଳୀ' ଭାଷାସେମାନଙ୍କମାତୃଭାଷା ଓ 'ଅଲ୍‌ଚିକି' ଲିପିଲେଖିବାରେ ସେମାନେ ଏହାବ୍ୟବହାର କରନ୍ତି, ଯାହା ୧୯୨୫ରେ ପଣ୍ଡିତରଘୁନାଥ ମୁର୍ମୁ ଆବିଷ୍କାର କରିଥିଲେ । ଅଲଚିକିଲିପି ଜନ୍ମନେଇ ୨୦୨୫ରେ ଏକ ଶହବର୍ଷ ପୂରି ଏକ ଶହ ଏକ ବର୍ଷରେ ପଦାର୍ପଣକରିଛି । ସାନ୍ତାଳସମ୍ପ୍ରଦାୟ ଲୋକମାନେ ଅଲଚିକିଶତବାର୍ଷିକୀ ଉତ୍ସବବିଭିନ୍ନସାଂସ୍କୃତିକସଂଗଠନ ମାଧ୍ୟମରେଉତ୍ସାହସହ ପାଳନ କରିଛନ୍ତି ।ବିଭିନ୍ନରାଜ୍ୟରରାଜ୍ୟସରକାର ମଧ୍ୟ ଅଲଚିକି ଶତବାର୍ଷିକୀ ପାଳନ କରିଛନ୍ତି । ସାଂସ୍କୃତିକଉତ୍ସବରେସାନ୍ତାଳୀଭାଷା ଓ ଲିପିନେଇ ଆଲୋଚନାକରାଯାଇଛି ।ରାଜ୍ୟରେ ପ୍ରଥମ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସାନ୍ତାଳୀଭାଷା ଅଲଚିକିରେ ବହିଗୁଡ଼ିକମୁଦ୍ରଣକରିବା ଓ ପଢ଼ାଇବା ନିମନ୍ତେ ଦାବିଉପସ୍ଥାପନ କରାଯାଇଛି ।ରାଜ୍ୟ ପ୍ରଶାସନିକ ପରୀକ୍ଷାରେ ମଧ୍ୟ ସାନ୍ତାଳୀଭାଷାରେ ପାଠ୍ୟସୂଚୀ (**Syllabus**) ପ୍ରସ୍ତୁତକରିବାସହିତସାନ୍ତାଳୀଭାଷାକୁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଦିଆଯାଉବୋଲି ଦୃଢ଼ ଦାବିକରାଯାଉଛି ।ସାନ୍ତାଳୀଭାଷା ଓ ଅଲଚିକିରବିକାଶ ପାଇଁକେନ୍ଦ୍ରସରକାର ଅନେକ ପଦକ୍ଷେପ ନେଇଛନ୍ତି । ୨୦୦୩ରେ କେନ୍ଦ୍ରସରକାରସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାନ୍ତାଳୀଭାଷାକୁ ଅନ୍ତର୍ଭୁକ୍ତକରିଟଟଝଉସିଭିଲ୍‌ସର୍ଭିସେସ୍‌ମେନ୍ (ମୁଖ୍ୟ), **UGC NET (JRF & Assistant Professor)**, ଗଣମାଧ୍ୟମଏବଂ ପ୍ରସାରଣ, ସମ୍ବିଧାନ ଅନୁବାଦିତହେବା ଆଇନଗତ ଏବଂ ସରକାରୀକ୍ଷେତ୍ରରେ ଅନୁବାଦକଙ୍କ ଆବଶ୍ୟକତା, ଲୋକସଭାସାଂସଦରେସାନ୍ତାଳୀଭାଷାରେଏକକାଳୀନ ଅନୁବାଦ ପ୍ରଦାନ, ସାଂସ୍କୃତିକଏବଂ ଶୈକ୍ଷିକକ୍ଷେତ୍ରରେ ସାନ୍ତାଳୀସାହିତ୍ୟ ଏକାଡେମୀର ବିକାଶ, ଶିକ୍ଷାଗତଗବେଷଣାଏବଂ ପ୍ରକାଶନକୁପ୍ରୋତ୍ସାହିତକରିବାଏବଂ ଆଦିବାସୀଗବେଷଣା ପ୍ରତିଷ୍ଠାନରେସାନ୍ତାଳୀଲୋକକଥା, ରୀତିନୀତିଏବଂଭାଷାର ଦସ୍ତାବିଜୀକରଣଉପରେସାନ୍ତାଳୀଭାଷାରବହୁଳ ପ୍ରଚଳନ କରାଯାଉଛି । ଏକଶତ ଅଲଚିକି ପୂର୍ତ୍ତିଉତ୍ସବ ପାଳନ କରାଗଲା ।ଏହି ଅବସରରେଏବର୍ଷଫେବୃଆରୀ ୧୬ତାରିଖରେ ଭାରତର ମହାମହିମରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସ୍ୱତନ୍ତ୍ର ଡାକଟିକଟଏବଂମୁଦ୍ରାଉନ୍ମୋଚନ କରିଛନ୍ତି ।ସାନ୍ତାଳୀଭାଷା ଓ ଅଲଚିକିଲିପିରମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣରଖିବା ପାଇଁ ଭାରତୀୟ ସମ୍ବିଧାନକୁ ସାନ୍ତାଳୀଭାଷାରେ ଅନୁବାଦ କରାଗଲାଏବଂ ୨୦୨୫ ଡିସେମ୍ବର ୨୫ ତାରିଖରେଏହା ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତିଭବନଠାରେ ମହାମହିମ ରାଷ୍ଟ୍ରପତିଉନ୍ମୋଚନ କରିଥିଲେ । ଏହାଦ୍ୱାରାସାନ୍ତାଳୀସମ୍ପ୍ରଦାୟର ଲୋକମାନେ ନିଜମାତୃଭାଷାରେ ସମ୍ବିଧାନ ପଢ଼ିବାକୁସକ୍ଷମ ହୋଇ ପାରିବେ ।ମାତୃଭାଷାସାନ୍ତାଳୀ ଓ ଅଲଚିକିରେସମ୍ବିଧାନ ଲେଖା ଯାଇଥିବାରୁ ଏହାସାନ୍ତାଳଲୋକମାନଙ୍କ ପାଇଁଗର୍ବ ଓ ଆନନ୍ଦର ବିଷୟ ବୋଲିକହିଥିଲେ । ଯୁଗ ପୁରୁଷ ପଣ୍ଡିତରଘୁନାଥ ମୁର୍ମୁଙ୍କୁସ୍ମରଣକରି ମହାମହିମରାଷ୍ଟ୍ରପତିକହିଥିଲେ, ନ୍ତମୁଁ ପଣ୍ଡିତରଘୁନାଥ ମୁର୍ମୁଙ୍କୁତାଙ୍କ ଜନ୍ମବାର୍ଷିକୀରେମୋରଶ୍ରଦ୍ଧାଳି ଅର୍ପଣକରୁଛି । ଅଲଚିକି ଲିପିବିକଶିତକରିସେସାନ୍ତାଳୀଭାଷାକୁ ନୂତନ ପରିଚୟ ଦେଇଛନ୍ତି । ସାନ୍ତାଳୀଭାଷାର ପ୍ରଚାର-ପ୍ରସାର ପାଇଁତାଙ୍କର ଅବଦାନ ଅତୁଳନୀୟ ।ସାନ୍ତାଳଲୋକମାନଙ୍କରସମୃଦ୍ଧ ସଂସ୍କୃତି, ଐତିହ୍ୟ, ଇତିହାସ ଓ ପରମ୍ପରାବିଷୟରେସେସଚେତନ କରିଛନ୍ତି ।ଗୁରୁଗୋମକେ ପଣ୍ଡିତରଘୁନାଥ ମୁର୍ମୁଜଣେ ଦାର୍ଶନିକ, ଲେଖକ, କବି, ନାଟ୍ୟକାର, ବାଗ୍ମୀ, ସମାଜସଂସ୍କାରକଏବଂଶିକ୍ଷାବିତ୍ ଥିଲେ, ଏହିମହାନ ବ୍ୟକ୍ତିଙ୍କଜନ୍ମ ୧୯୦୫ ମସିହାବୈଶାଖ ପୂର୍ଣ୍ଣିମାରେହୋଇଥିଲା ।ନ୍ତ ୧୯୦୫ ମସିହା ପବିତ୍ରବୈଶାଖ ପୂର୍ଣ୍ଣିମାରେମୟୂରଭଞ୍ଜ ଜିଲ୍ଲା ଡାଣ୍ଡବୋଷ, ଡାହାରଡ଼ିହିଗ୍ରାମରେ ପିତା ନନ୍ଦଲାଲଏବଂମାତାସଲମାଙ୍କଔରସରୁ ପଣ୍ଡିତରଘୁନାଥ ମୁର୍ମୁଙ୍କରଜନ୍ମ । ପରମ୍ପରା ଅନୁସାରେ ନବଜାତଶିଶୁର ନାମତାଙ୍କଜେଜେଙ୍କ ନାମ ଅନୁସାରେହୁଏ ।ଜେଜେଙ୍କ ନାମ 'ଚୁନୁ' ହୋଇଥିବାରୁ ପଣ୍ଡିତରଘୁନାଥ ମୁର୍ମୁଙ୍କୁ 'ଚୁନୁ' ନାମରେସମ୍ବୋଧନ କରାଗଲା । ପରବ□ୀସମୟରେଚୁନୁ ନାମକୁ ପରିବ□ନ କରି 'ରାଘୁନାଥ' ନାମକରଣକରାଯାଇଥିଲାକିନ୍ତୁବିଦ୍ୟାଳୟରେ ପାଠ ପଢୁଥିବାସମୟରେରାଘନାଥରୁ 'ରଘୁନାଥ' ନାମରେ ସମ୍ବୋଧିତକରାଯାଇଛି । ଗମ୍ଭାରିଆ ପ୍ରାଥମିକବିଦ୍ୟାଳୟରୁ ଉନ୍ନତ ପ୍ରାଥମିକଇଂରାଜୀବିଦ୍ୟାଳୟବହଳଦାରେ ପାଠ ପଢ଼ିଲେ ।ସେଠାରୁସପ୍ତମ ପାସକରିବା ପରେମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଅଷ୍ଟମରୁ ଦଶମ ପାଠ ପଢ଼ିଲେ । ୧୯୨୮ରେ ଦଶମ ଉତୀର୍ଣ୍ଣହେଲେ କିନ୍ତୁଲିପିକୁ ଆବିଷ୍କାରକରିବାରେ ସର୍ବଦା ପ୍ରଚେଷ୍ଟା ଜାରିରଖିଥିଲେ ।ତାଙ୍କରଏତେ ଦିନର ପ୍ରଚେଷ୍ଟା ୧୯୨୫ରେ ସଫଳହେଲା ଓ 'ଅଲଚିକି' ରୂପରେଜନ୍ମନେଲା ।ଏହାକୁ ପ୍ରଚାର ପ୍ରସାର ପାଇଁଓଡିଶା, ପଶ୍ଚିମବଙ୍ଗ, ବିହାର (ଅଧୁନାଝାଡ଼ଖଣ୍ଡ) ଏବଂ ଆସାମରାଜ୍ୟକୁ ପଣ୍ଡିତରଘୁନାଥ ମୁର୍ମୁଗମନ କଲେଏବଂ ସାନ୍ତାଳଲୋକଙ୍କୁସଚେତନ କଲେ ।ଏକାକୀଏହା ଅସମ୍ଭବମନେକରି ଏକ ସଂଗଠନ ଗଠନ ପାଇଁଚିନ୍ତାକଲେ । ଫଳରେତାଙ୍କନେତୃତ୍ୱରେ ୧୯୪୬ରେ 'ଖେରୱାଲ୍‌ଜାର୍ପାସମିତି' ଗଠିତହେଲା । ଏହାମାଧ୍ୟମରେ ସାନ୍ତାଳୀଭାଷା ଓ ଅଲ୍‌ଚିକି ପ୍ରଚାର ପ୍ରସାରସହଜହେଲା । ୧୯୫୨ରେ 'ଅଲ୍‌ସମିତି' ସଂଗଠନ ତିଆରିହେଲା ।ଏହାରବାରବର୍ଷପରେ ଅର୍ଥାତ ୧୯୬୪ରେ 'ଆଦିବାସୀସାମାଜିକ, ଶିକ୍ଷା, ସଂସ୍କୃତି ପରିଷଦ' (ଇଝରଉଇ), ରାଇରଙ୍ଗପୁରରେ ପ୍ରତିଷ୍ଠାକରାଗଲା । ପରେ 'ବିଦୁ ଚାନ୍ଦାନ' ନାମକ ଏକ ପ୍ରେସସ୍ଥାପନ କରାଯାଇ ଅଲଚିକିଲିପିରେ ପୁସ୍ତକଏବଂ ପତ୍ରପତ୍ରିକାଛାପିବାସମ୍ଭବହୋଇପାରିଲା । ପ୍ରଥମ ଥରପାଇଁ 'ସାରଜମ୍‌ସାକାମ୍' ମାସିକସାନ୍ତାଳୀ ପତ୍ରିକା ଆସେକାରୁ ପ୍ରକାଶିତହେଲା ।ଲୋକମାନେ ସହଜରେସାନ୍ତାଳୀଶିଖିବା ପାଇଁ 'ଅଲ ଚେମେଦ୍', 'ପାର୍ଶୀ ପହା', 'ପାର୍ଶୀ ଆପାଦ୍' ଆଦି ପୁସ୍ତକଗୁରୁଗୋମ୍‌କେରଚନାକଲେ ।ସାନ୍ତାଳୀରେଏଲ୍‌ଖା (ଗଣିତ) ଓ ରନଳ (ବ୍ୟାକରଣ) ପୁସ୍ତକସମେତବିଭିନ୍ନକବିତା, ନାଟକ, ଗଳ୍ପ ଲେଖି ପଣ୍ଡିତରଘୁନାଥ ମୁର୍ମୁସମାଜରେ 'ପାର୍ଶୀସିଚାନ୍ଦ୍' ରୂପରେ ପରିଚିତହେଲେ । ଆଦିବାସୀସମାଜ ପ୍ରତିତାଙ୍କର ଅବଦାନ ନିମନ୍ତେ ୧୯୫୬ରେ ସର୍ବଭାରତୀୟସାର୍‌ନାମହାସଭା, ଜାମସେଦପୁର କରଣ୍ଡିଠାରେ ମାରାଂଗୋମ୍‌କେଜୟପାଲସିଂ 'ଗୁରୁଗୋମ୍‌କେ' ଉପାଧିରେଭୂଷିତକଲେ । ପଶ୍ଚିମବଙ୍ଗ ସରକାରତାମ୍ରଫଳକ, ଓଡିଶାସାହିତ୍ୟଏକାଡେମୀ ପୁରସ୍କାରରେତାଙ୍କୁ ସମ୍ମାନିତ କଲେ ।ରା□ିବିଶ୍ୱବିଦ୍ୟାଳୟରୁଡକ୍ଟରେଟଉପାଧିରେ ସମ୍ମାନିତ ହେଲେ ।ବିଶିଷ୍ଟସାହିତ୍ୟିକଶ୍ରୀମାର୍ଟିନ୍‌ଓରାମ୍‌ତାଙ୍କୁ ନ୍ତଧରମ୍‌ଗୁରୁ' ଉପାଧିରେସମ୍ବୋଧିତକରିଲେ ।ସମାଜ ପ୍ରତିତାଙ୍କର ଅବଦାନ ତଥା ଅମ୍ଳାନ କୃତିତ୍ୱ ନିମନ୍ତେ ମୟୂରଭଂଜର ବାରିପଦାସ୍ଥିତଭେଷଜ ମହାବିଦ୍ୟାଳୟତାଙ୍କ ନାମରେ ନାମିତ ଥିବାବେଳେ ପଶ୍ଚିମବଙ୍ଗର ଜାମବଣୀଠାରେ ପଣ୍ଡିତରଘୁନାଥ ମୁର୍ମୁସ୍ମୃତିମହାବିଦ୍ୟାଳୟ ଏବଂମୁର୍ଶିଦାବାଦଠାରେକଲ୍ୟାଣବିଶ୍ୱବିଦ୍ୟାଳୟ ଅଧୀନରେ ଏକ ପ୍ରଶିକ୍ଷଣମହାବିଦ୍ୟାଳୟ ପ୍ରତିଷ୍ଠାକରାଯାଇଛି । ସାନ୍ତାଳସମ୍ପ୍ରଦାୟରେ ଜନ୍ମଗ୍ରହଣକରିଥିବା ଯୁଗ ପୁରୁଷ ପଣ୍ଡିତରଘୁନାଥ ମୁର୍ମୁଙ୍କର ୧୯୮୨ ଫେବୃଆରୀ ୧ ତାରିଖରେ ପରଲୋକ ହୋଇଥିଲା । ଏହିମହାନ ବ୍ୟକ୍ତିଭାରତରସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ଏବଂସର୍ବୋଚ୍ଚସାହିତ୍ୟ ପୁରସ୍କାର 'ଜ୍ଞାନପୀଠ' ଭଳି ସମ୍ମାନ ପାଇବା ନିମନ୍ତେ ଯୋଗ୍ୟବିବେଚିତ ନହେବାସାନ୍ତାଳମାନଙ୍କ ପାଇଁ ନିଶ୍ଚିତରୂପେ ଦୁର୍ଭାଗ୍ୟରବିଷୟ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*











# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କାର୍ଯ୍ୟକର୍ତା ଅଭ୍ୟାସ ବର୍ଗ




ଭୁବନେଶ୍ୱର : ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ତ୍ରିଦିବସୀୟ କାର୍ଯ୍ୟକର୍ତା ଅଭ୍ୟାସ ବର୍ଗ ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସ୍ତରୀୟ ଏହି ବର୍ଗରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା, ସଂଗଠନର ବୈଚାରିକ ଅଧିଷ୍ଠାନ, ପରିବେଶ ସୁରକ୍ଷା, ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ଆଦି ସମ୍ପର୍କରେ ବିଚାରବିମର୍ଶ କରିଥିଲେ । ମହାସଂଘର ଜାତୀୟ ସଂଗଠନ ସମ୍ପାଦକ ମହେନ୍ଦ୍ର କାପୁର, ସହ ସଂଗଠନ ସମ୍ପାଦକ ଗୁଣ୍ଡା ଲକ୍ଷ୍ମଣ, ସଧାରଣ ସମ୍ପାଦିକା ପ୍ରଫେସର ଗୀତା ଭଟ୍ଟ, କ୍ଷେତ୍ର ସଂଗଠନ ସମ୍ପାଦକ ଆଲୋକ ଚଟ୍ଟୋପାଧ୍ୟାୟ, କେନ୍ଦ୍ରୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି, ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାସ, ସାଧାରଣ ସମ୍ପାଦକ ଡକ୍ଟର ବିପ୍ଳବ କୁମାର ଗୁରୁ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ । ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ସେନାପତି, ପୂର୍ବତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପୂର୍ବତନ କୁଳପତି ପ୍ରଫେସର କ୍ଷିତିଭୂଷଣ ଦାସ, ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅନୀଲ କୁମାର ମିଶ୍ର ଓ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ରାଉତ ଜାତୀୟ ଶିକ୍ଷା ନୀତି-୨୦୨୦ର ଭିନ୍ନଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ଡକ୍ଟର ପବିତ୍ର କୁମାର ରଥ, ଡକ୍ଟର ଦୀପ୍ତାଂଶୁ ଭୂଷଣ ପତି, ଡକ୍ଟର ବିଶ୍ୱମୋହନ ଜେନା, ଡକ୍ଟର ସରୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଋତୁସ୍ରାବ ଅଭିଶାପ ନୁହେଁ- ଏହା ମହିଳା ମାନଙ୍କର ସମ୍ମାନ

## ❋ ଆକ୍ସନ ଏଡ୍ ଓ ସିସିଡବ୍ଲୁଡି ତରଫରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ




ଭୁବନେଶ୍ୱର : ଶିକ୍ଷା ଓ ସଚେତନତାର ଅଭାବ ଫଳରେ ମାସିକ ଧର୍ମକୁ ନେଇ ଖୋଲାଖୋଲି ଆଲୋଚନା କରିବାକୁ ମହିଳା ଓ ଯୁବତୀମାନେ ସଙ୍କୋଚ କରୁଛନ୍ତି । ଋତୁସ୍ରାବ ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା । ଏହା ମହିଳା/ ଯୁବତୀ ମାନଙ୍କର ସମ୍ମାନ ଅଟେ । ମାସିକ ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ଅବଲମ୍ବନ ଜରୁରୀ ବୋଲି ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବକାଶରେ ଆକ୍ସନ ଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୁଲ୍ୟରେ ୱାର୍ଡ ନଂ ୯ ଅଧିନସ୍ଥ ମଣ୍ଡପ ବସ୍ତିଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । କୋଣଠେସା ହୋଇ ରହିଯାଉଥିବା ମହିଳା ଓ ଯୁବତୀମାନଙ୍କୁ ଋତୁସ୍ରାବ ସଂକ୍ରାନ୍ତୀୟ ସ୍ୱଚ୍ଛତାକୁ ବ୍ୟାପକ କରିବା ପାଇଁ ଭାସ୍କର ଚନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଥିଲେ । ଅନ୍ୟ ଅତିଥି ଭାବରେ ଆଶାଦିଦି ପ୍ରମିଳା ବେହେରା, କିଶୋରୀ ବାଳିକା ମାନଙ୍କ ବିକାଶ ନିମନ୍ତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ବାର୍ତା ବାଂଟିଥିଲେ । ସାନିଟାରୀ ପ୍ୟାଡ ଓ ଏହାର ସଠିକ ପରିଚାଳନାର ଆବଶ୍ୟକୀୟ ବ୍ୟବସ୍ଥା ଉପରେ ସ୍ନିଗ୍ଧା ଦାସ ଓ ସରସ୍ୱତୀ ପରିଡା ଆଲୋଚନା କରିଥିଲେ । ପ୍ରତ୍ୟେକ ମହିଳା ଓ ଯୁବତୀ ମାସିକ ଋତୁସ୍ରାବ ଉପରେ ଜାଣିବା ଓ ସୁସ୍ଥ ପରିବେଶ ଉପରେ ଅଙ୍ଗନୱାଡି କର୍ମୀ ଶାନ୍ତିଲତା ବେହେରା ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା କଲ୍ୟାଣୀ ରାଉତ ପ୍ରଦାନ କରିଥିବା ବେଳେ ସ୍ୱର୍ଣ୍ଣପ୍ରିୟା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଏକ ଶପଥ ପାଠ ଆୟୋଜିତ ହୋଇଥିଲା ଭୁବନେଶ୍ୱର ୟଙ୍ଗ ଅର୍ବାନ ଫୋରମ, ରୋଗୀ ଆରୋଗ୍ୟ ସମିତି ଓ ଅଣସଙ୍ଗଠିତ ଶ୍ରମିକ ମଂଚର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଶିବ ସାହୁ, ବିଷ୍ଣୁପ୍ରୀୟା ସାମଲ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ରାଜଧାନୀ ଡିଗ୍ରୀ କଲେଜର ସୋନାଲି ଓ ଆକାଂକ୍ଷା ସହଯୋଗ କରିଥିଲେ ।

# ଚାଲିଛି ଏନ୍‌ସିସି କ୍ୟାମ୍ପ : ଓଡ଼ିଶାର ଛଅଶହ କ୍ୟାଡେଟ୍ ଅଂଶଗ୍ରହଣ

ଭଦ୍ରକ : ସେଭେନ୍ ଓଡିଶା ବାଟାଲିୟନ୍ ଏନସିସି ପକ୍ଷରୁ ଭଦ୍ରକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ତିହିଡି ଠାରେ ତାଲିମ୍ ଶିବିର ଆରମ୍ଭ ହୋଇଛି । ୧୦ ଦିନ ଧରି ଚାଲିଥିବା ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ଜଣ କ୍ୟାଡେଟ୍ ଏହି ଶିବିରରେ ଅଂଶଗ୍ରହଣ କରିଛନ୍ତି । କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସଏସ ରଘୁବଂଶୀଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ଓ ଚରିତ୍ର ଗଠନ ପାଇଁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ତାଲିମ, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍ଟ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆ ଯିବା ସହ ବୃକ୍ଷରୋପଣ , ସ୍ୱଚ୍ଛ ଭାରତ ଅଭିଯାନ , ସାମାଜିକ ସେବା କାର୍ଯ୍ୟକ୍ରମ , କ୍ୟାଡେଟମାନଙ୍କ ମଧ୍ୟରେ ଏକତା ଓ ଭାବନା ବୃଦ୍ଧି ପାଇଁ ଡ୍ରିଲ୍, ଫାୟାରିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତଃ-କମ୍ପାନୀ ପ୍ରତିଯୋଗିତା ହେଉଛି । ଲେଫ୍ଟନାଂଟ କର୍ଣ୍ଣେଲ ଏସଏସ ରଘୁବଂଶୀ କହିଛନ୍ତି ଯେ ଏନସିସିର 'ଏକତା ଓ ଅନୁଶାସନ' ମୂଳମନ୍ତ୍ର ଅନୁଯାୟୀ ଯୁବ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଦିଗରେ ପରିଚାଳିତ କରିବା ଏହି ଶିବିରର ଲକ୍ଷ୍ୟ । ଏହି ଶିବିର ଆସନ୍ତା ଜୁନ୍ ୨ ରେ ଉଦ୍‌ଯାପିତ ହେବ ।

# ଡାକଘର ବାରମ୍ବାର ପରିବର୍ତନ ଯୋଗୁଁ ଗ୍ରାହକ ହନ୍ତସନ୍ତ

ଗଞ୍ଜାମ : (ହି.ସ.) ବ୍ରହ୍ମପୁର ସହରର ବ୍ରଜନଗର ଶାଖା ଡାକଘରର ବାରମ୍ବାର ପରିବର୍ତନ ଯୋଗୁଁ ଗ୍ରାହକ ମାନେନାହିଁନଥିବା ହଟହଟାରସମ୍ମୁଖୀନ ହେଉଛନ୍ତି । କିଛିଦିନ ମଧ୍ୟରେ ତିନୋଟି ଗୃହ ପରିବର୍ତନ କରିଗଲାଣି । ବର୍ତମାନ ଯେଉଁ ଗୃହ ରେ ଡାକଘର ରହିଛି,ତାହା ଦୁଇମହଲା ଉପରେ ରହିଛି । ବୟସ୍କ ଓ ଦୁର୍ବଳ ବ୍ୟକ୍ତିମାନେ ଉପରକୁସିଡି ଚଢି ଡାକଘରକୁ ଯାଇ କାରବାର କରିପାରୁନାହାଁନ୍ତି । ଏଣୁ ଡାକ ବିଭାଗ ସୁପରିନ୍ ଟେଣ୍ଡଂଟ ଘଟଣାର ଅନୁଧ୍ୟାନ କରି ତୁରନ୍ତ ଏହାର ପରିବର୍ତନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଶିବିର ଉଦ୍‌ଯାପିତ

ମାଲକାନଗିରି : (ହି.ସ.)- ମାଲକାନଗିରି ଜନତା ପାର୍ଟି (ବିଜେପି) ପକ୍ଷରୁ ମାଲକାନଗିରି ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ସମାପନ ହୋଇଛି । ଭାଜପା ସଙ୍ଗଠନ କୁ ତୃମୂଳସ୍ତରରେ ଅଧିକ ମଜବୁତ୍ କରିବା ଓ ବୁଥସ୍ତର ରୁ ସକ୍ରିୟ କରବା ପାଇଁ ଏହି ପ୍ରଶିକ୍ଷଣ ବା ତାଲିମ ଶିବିର ଆୟୋଜିତ ହୋଇଥିଲା । ପ୍ରଶିକ୍ଷଣ ଶିବିର କୁ ମୁଖ୍ୟ ଅତିଥି ତଥା ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଦୁଇ ଦିନିଆ ଶିବିରରେ ଜିଲ୍ଲା ସଭାପତି, ସାଂସଦ, ବିଧାୟକ, ଦଳୀୟ ନେତା ଓ ସମସ୍ତ ମଣ୍ଡଳର କର୍ମୀ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ବିଷୟ ଗୁଡିକ ହେଲା ଭାରତୀୟ ଜନତା ପାର୍ଟିର ଇତିହାସ ଓ ବିଚାରଧାରା,ବୈଚାରିକ ଅଧିଷ୍ଠାନ ଓ ଦଳୀୟ ରୀତିନୀତି, ବୁଥ୍ ପ୍ରବନ୍ଧନ ଓ ସଂଗଠନ, ସୁଦୃଢ଼ୀକରଣ ସାମାଜିକ ଗଣମାଧ୍ୟମର ସଠିକ୍ ବ୍ୟବହାର, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକାର୍ଯ୍ୟ ବିସ୍ତାର ଏବଂ କାର୍ଯ୍ୟକର୍ତାଙ୍କ ଭୂମିକା ଭଳି ୧୨ଟି ସୂତ୍ର ରହିଥିବା ବେଳେ ଏହି ସମସ୍ତ ବିଷୟ ଉପରେ ରାଜ୍ୟରୁ ଆସିଥିବା ଅଭିଜ୍ଞ ପ୍ରଶିକ୍ଷକମାନେ କାର୍ଯ୍ୟକର୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରମୁଖ ଅତିଥି ଓ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ରାଜନେତା ଓ ଦଳୀୟ ପଦାଧିକାରୀ ସାମିଲ ହୋଇଥିଲେ । ଜିଲ୍ଲା ସଭାପତି ଅଶୋକ ପରିଡା, ସାଂସଦ ବଳଭଦ୍ର ମାଝୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡି, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସାଂସଦ ପଶୁରାମ ମାଝୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ବିଧାୟକ ଡ଼ମ୍ବୁରୁ ଶୀଶା ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକ ପ୍ରତିନିଧି ନିହାର ରାୟ କାର୍ଯ୍ୟକ୍ରମ ପରିଚାଳନା ସହ ଏହି ସମଗ୍ର ପ୍ରଶିକ୍ଷଣ ଶିବିରକୁ ସଫଳ କରିବାରେ ଜିଲ୍ଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ, ନବଘନ ଲୋକେଇ ସହଯୋଗ କରି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିଲେ । ପରିଶେଷରେ ଦଳୀୟ ରଣନୀତି ଉପରେ ଆଲୋକପାତ କରି କର୍ମୀଙ୍କୁ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା ଯେ, ଲୋକଙ୍କ ସହ ଯୋଡ଼ିହେବା ସହ ପ୍ରତ୍ୟେକ କର୍ମୀ ଗ୍ରାମାଚଂଳକୁ ଯାଇ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା, ଲୋକଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ତା'ର ସମାଧାନ ପାଇଁ ଚେଷ୍ଟା କରାଯିବ । ଯୋଜନାର ପ୍ରଚାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଂଚାଇବାକୁ କୁହାଯାଇଛି । ପରିଶେଷରେ ସାଂସଦ ଶ୍ରୀ ମାଝୀ ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ଓ ପୌରାଚଂଳ ନିର୍ବାଚନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଏହି ଦୁଇ ଦିନିଆ ଶିବିରରେ ବିଜେପିକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ପାଇଁ ଏହି ଶିବିର ସାରା ରାଜ୍ୟରେ ଆୟୋଜନ କରାଯାଉଛି ବୋଲି ଦଳ ପକ୍ଷରୁ କୁହାଯାଇଛି ।

# ଜରାଜୀର୍ଣ୍ଣ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା

ଭଦ୍ରକ : (ହି.ସ.)- ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ସରସଦା ପଂଚାୟତ ତୁଳସୀପୁରକୁ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଟି ପାଖାପାଖି ଦୁଇ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ସାହାରାଗଡିଆ ଛକ ଠାରୁ ତୁଳସୀପୁର ଗାଁ ଦେଇ ରଣାଡ଼ିହ ଅତିକ୍ରମ କରି ବରଦା ବଜାରକୁ ଉକ୍ତ ରାସ୍ତାଟି ସଂଯୋଗ ହୋଇଛି । କିଛିବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନରେ ରାସ୍ତାର ଅର୍ଦ୍ଧାଧିକ ଭାଗ କଂକ୍ରିଟ ନିର୍ମାଣ ହୋଇଥିବା ବେଳ ଆଉ ଅଧେ ପିଚ ନିର୍ମିତ ହୋଇଥିଲା । ଇତିମଧ୍ୟେର ରାସ୍ତା ମରାମତି ସମୟସୀମା ମଧ ଶେଷ ହୋଇଯାଇଛି ।୨୦୨୫ ମସିହା ଜାନୁଆରୀ ମାସରୁ ଯୋଜନା ମୁତାବକ ରାସ୍ତା ରକ୍ଷଣାବେକ୍ଷଣ ବାବଦେର ବଳକା ଅର୍ଥ ଖର୍ଚ୍ଚ ସରିଛି । ଏହାପେର ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଆଉ ରାସ୍ତା ମରାମତି ହେଉନାହିଁ । ବିଶେଷ କରି ଏବେ ରଣାଡ଼ିହ ଠାରୁ ବରଦା ବଜାର ପୂର୍ତ ବିଭାଗ ରାସ୍ତା ଯାଏଁ ଏହି ପଥ ବିପଦ ସଂକୁଳ ପାଲଟିଛି । ପିଚ, ବଜୁରୀ ଓ ମେଂଟାଲ ଉଠିଯାଇଥିବା ବେଳ ବାଇକ ଓ ସାଇକେଲର ଯିବା କଷ୍ଟକର ହୋଇପଡୁଛି । ଦୈନିକ ଶହ ଶହ ଗ୍ରାମବାସୀ ଗମନାଗମନ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି । ଗ୍ରାମରୁ ଭଣ୍ଡାରିପୋଖରୀ ପାର୍ଶ୍ୱକୁ ଯିବାପାଇଁ ସାମାନ୍ୟ ସହଜ ହେଉଥିବା ବେଳ ସରସଦାକୁ ଯାତାୟାତ ପାଇଁ ଲେଓକ କଂଟକିତ ପଥ ଅତିକ୍ରମ କରୁଛନ୍ତି । ତେଣୁ ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ଗ୍ରାମବାସୀ ମଗେନ ଦୃଢ଼ ଦାବି କରିଛନ୍ତି । ଏନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ ନାୟକ ଙ୍କ ମତାମତ ନେବାରୁ ରାସ୍ତା ମରାମତି ବାବଦେର ପ୍ରସ୍ତାବ ରହିଥିବା କହିଛନ୍ତି । ଅର୍ଥ ଆସିଲେ ଖୁବଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ଦାୟିତ୍ୱ ନିର୍ବାହ କମିଟି ଡେଙ୍ଗୁ ଓ (ଭି ବି ଡି) ରୋଗ ନିୟନ୍ତ୍ରଣ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା : (ହି.ସ.) – ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ( ଭି ବି ଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଯୋଗଦେଇଥିଲେ । ବୈଠକରେ ମଶା ବଂଶ ଦମନ, ନାଳନର୍ଦ୍ଦମା ସଫେଇ, ମଶା ଧୂଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା, ସ୍ଥାନୀୟ ଶିଳ୍ପାଂଚଳ ଗୁଡିକରେ ଜନ ସଚେତନତା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ପ୍ରାକ୍ ମୌସୁମୀ (ଜୁନ୍) ଠାରୁ ପ୍ରତ୍ୟେକ ଶୁକ୍ରବାର (ଡ୍ରାଏ ଡେ) ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସ୍କୁଲ, ହାଟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲା ପରିଷଦ ଏବଂ ସହରାଂଚଳ କ୍ଷେତ୍ରରେ ( ଡୁ ଡ଼ା) ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଓ ଜିରୋ କାଜୁଆଲ୍ଟୀ (ଶୂନ୍ୟ ମୃତ୍ୟୁ)ପାଇଁ କାର୍ଯ୍ୟ କରିବେ । ଗ୍ରାମୀଣ କ୍ଷେତ୍ରରେ ଆଶା କର୍ମୀ ମାନେ ଜୁନ୍ ମାସ ଠାରୁ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରିବେ । ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସେ ଦିଗରେ ସଚେତନତା ବାର୍ତା ପହଂଚାଇବେ କ୍ଷ ଏହିକ୍ରମେ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତଦନୁଯାୟୀ ଚିକିତ୍ସା ନେବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଟି ଡେଙ୍ଗୁ ସେଁ[ନୋଲ ପରୀକ୍ଷା ଗାର ରହିଛି ଯେଉଁଠି ସଂପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ,ଭୁବନେଶ୍ୱରରେ ଡେଙ୍ଗୁ ୱାର୍ଡ ର ବ୍ୟବସ୍ଥା କରାଯାଇଛି । ମେ ୨୫ ସୁଦ୍ଧା ୮୨୯୦ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୫ ଡେଙ୍ଗୁ ରୋଗୀ ଅଦ୍ୟାବଧି ଚିହ୍ନଟ ହୋଇଛନ୍ତି । ୨୦୨୪ ବର୍ଷ ତୁଳନା ରେ ଗତ ବର୍ଷ ୨୦୨୫ ରେ ଜିଲ୍ଲା ରେ ୭୦% ଡେଙ୍ଗୁ ରୋଗୀ ସଂଖ୍ୟା ରେ ହ୍ରାସ ହୋଇଥିଲା । ଏହି ସଫଳତା ପାଇଁ ଓଡ଼ିଶା ସରକାର ଙ୍କ ଡେଙ୍ଗୁ ନିୟନ୍ତ୍ରଣ ପାଇଁ (ଏଚ୍ ଓ ପି ସି ଆଇ)୧ ଓ ୨ ମଡେଲ ବିଶେଷ ଭୂମିକା ଥିଲା ବୋଲି ବୈଠକରୁ ସୂଚନା ମିଳିଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ରୁ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ( ଭି ବି ଡି) ଡାକ୍ତର ଶୁଭାଶିଷ ମହାନ୍ତି , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି. ଡି) ଡାକ୍ତର ଜୀବନ୍ତ କୁମାର ଆଚାର୍ଜି , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର ମଙ୍ଗଳ) ଡାକ୍ତର ପ୍ରଦୀପ୍ତ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଭେଷଜ, ଡି ପି ଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଶୁଭକାନ୍ତ ଗନ୍ତାୟତ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ . ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଶିକ୍ଷା, ପୌର ସଂସ୍ଥା,ମିଶନ ଶକ୍ତି, ବିଜ୍ଞାପିତ ପରିଷଦ, କୃଷି, ମତ୍ସ୍ୟ, ଜଙ୍ଗଲ ଓ ପରିବେଶ, ଶିଳ୍ପ ଆଦି ବିଭାଗର ଅଧିକାରୀ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଅସିତ୍ କୁମାର ଦାଶ ପାୱାର ପଏଂଟ ପ୍ରଦର୍ଶନରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଉପସ୍ଥାପନ ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ତାଲିମ ଅନୁଷ୍ଠିତ

ଜୟପୁର :(ହି.ସ.) – କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ "ସ୍ୱତନ୍ତ୍ର ସଘନ ସଂଶୋଧନ" ବିଷୟରେ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଯାଇଅଛି । ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକ- କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା, ଲକ୍ଷ୍ମୀପୁର, ଲମତାପୁଟ, ନାରାୟଣ ପାଟଣା, ବନ୍ଧୁଗାଁ, ଦଶମନ୍ତପୁର, ନନ୍ଦପୁର, ପଟାଙ୍ଗି, ସେମିଳିଗୁଡ଼ା ଓ ବୈପାରୀଗୁଡ଼ାରେ ଏହି ତାଲିମ ସମ୍ପନ୍ନ ହୋଇଛି । ସେ ବୈପାରୀଗୁଡ଼ା ବ୍ଲକ ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସ୍ୱୟଂ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରକୁ ଘର ଯାଇ ସଂଶୋଧନ, ନାମାଙ୍କନ ପତ୍ର-୬/୭/୮ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ବାଦ ଦେବା, ନୂତନ ମତଦାତାଙ୍କ ନାମ ଯୋଡ଼ିବା ବିଷୟରେ ବ୍ୟାଖ୍ୟା କରାଯାଇଥିଲା । ବୁଥ୍ ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ମଧ ପ୍ରଶିକ୍ଷଣ ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମର ସ୍ପଷ୍ଟତା ପ୍ରାପ୍ତ କରିଥିଲେ । ବୈପାରୀଗୁଡ଼ା ତାଲିମରେ ଅତିରିକ୍ତ ଜିଲ୍ଲାପାଳ ଶବର ଦର୍ଶାଇଥିଲେ ଯେ, "ସ୍ୱତନ୍ତ୍ର ସଘନ ସଂଶୋଧନ" ଯୋଜନା ଅନ୍ତର୍ଗତ ମତଦାତା ତାଲିକା ଉପରେ ଆଧାରିତ ଭାବରେ ଘରକୁ ଘର ଯାଇ ସଂଶୋଧନ ସମୟରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ନିଷ୍ଠାପୂର୍ବକ କାର୍ଯ୍ୟ କରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ସ୍ୱଚ୍ଛତା ସୃଷ୍ଟି କରିବା ଆବଶ୍ୟକ । ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ । ପ୍ରଖର ଖରାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପିଇବା ପାଣି ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟା ରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ପାଇଁ ମଧ ଉପଦେଶ ଦିଆଯାଇଛି । ଏଥିସହ ବୁଥକୁ ଆସୁଥିବା ସମସ୍ତ ମତଦାତାଙ୍କର ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ ଉପଦେଶ ଦେଇଛନ୍ତି । ସମସ୍ତ ବ୍ଲକରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୋରାପୁଟ ଜିଲ୍ଲାରେ ତେଲ, ଗ୍ୟାସ୍ ପରେ ବଢ଼ିଲା ପରିବା ଦର

ଜୟପୁର : (ହି.ସ.) କୋରାପୁଟ ଜିଲାରେ ଦର ଦାମ ଆହେତୁକ ଭାବେ ବୃଦ୍ଧି ପାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲ୍ପିଜି ଦର ମାର୍ଚ୍ଚ ମାସରେ ବଢ଼ିଥିବା ବେଳେ ବାଣିଜ୍ୟିକ ଏଲ୍ପିଜି ନ ମିଳିବାରୁ ହୋଟେଲ ଓ ରେସ୍ତୋରାଁରେ ଖାଇବା ମହଙ୍ଗା ହୋଇଥିଲା । ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ । ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ମହଙ୍ଗା ହୋଇଯାଇଛି । ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଆଜି କଂଚା ପରିବା ଦର ବଢ଼ିଯାଇଛି । ପ୍ରାୟ ସବୁ କଂଚା ପରିବା ଦର କୋରପୁଟ ଜିଲା ର ଜୟପୁର ସହର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, ଲମତାପୁଟ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବଢ଼ିଯାଇଛି । ସୂଚନା ଅନୁଯାୟୀ, ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୫୦ରୁ ୬୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି । ଖୁଚୁରା ବଜାରରେ ଅଦା ଓ ରୁସଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି । ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି । ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡ଼ୁ ଭଳି ରାଜ୍ୟରୁ ଆସୁଛି । ଏଥିସହିତ ପାଇକାରୀ ବଜାରରୁ ଖୁଚୁରା ବଜାରରେ ସାମଗ୍ରୀ ପହଂଚିବା ଲାଗି ୩ରୁ ୪ ଦିନ ହୋଇଯାଉଛି । ତେଣୁ ଖାଉଟି ନିକଟରେ ସାମଗ୍ରୀ ପହଂଚିଲା ବେଳକୁ ଦର ୩ରୁ ୫ ଗୁଣା ବଢ଼ିଯାଉଛି । ପରିବହନ ଖର୍ଚ୍ଚ ୧୦ ପ୍ରତିଶତ ବଢ଼ିଯାଇଛି । ସେଥିପାଇଁ ପରିବା ଦର ବଢ଼ିଯାଇଛି । ଆଗକୁ ସ୍ଥାନୀୟ ପରିବା ଶେଷ ହେବ । ଏହା ପରେ ଦରଦାମ ଆହୁରି ଅଧିକ ବଢ଼ିବାର ଆଶଙ୍କା ରହିଛି । ବଜାରରେ ୨ରୁ ୫ ପ୍ରତିଶତ ଦର ବଢ଼ିବା ଓ କମିବା ସ୍ୱାଭାବିକ । କିନ୍ତୁ ଦର ଏବେ ଅସ୍ୱାଭାବିକ ଭାବେ ବଢ଼ୁଛି । ସର୍ବାଧିକ ଖୁଚୁରା ମୂଲ୍ୟ ଯିଏ ଯାହା ପାରିଲା ଲେଖୁଛି । ଉତ୍ପାଦନ ଖର୍ଚ୍ଚ କେତେ ରହୁଛି ଏବଂ ବିକ୍ରି ମୂଲ୍ୟ କେତେ ରହିବା ଉଚିତ, ସେ ସଂକ୍ରାନ୍ତରେ କେହି ଧ୍ୟାନ ଦେଉନାହାନ୍ତି । ସେହିଭଳି ଆମଦାନି ପରେ ଖାଇବା ତେଲ, ଡାଲି ଆଦି ଦର କେତେ ରହୁଛି ଏବଂ ଖାଉଟିଙ୍କୁ ବଜାରରେ କେତେ ଦରରେ ବିକ୍ରି କରାଯାଉଛି ସେ ବାବଦରେ ମଧ ସରକାରଙ୍କ ନଜର ନାହିଁ । ତେଣୁ ଦରଦାମ ବହୁମାତ୍ରାରେ ବଢ଼ୁଛି ଏବଂ ଖାଉଟି ଅସୁବିଧାରେ ପଡୁଛନ୍ତି । ରାଜ୍ୟ ସରକାରଙ୍କୁ ଦରଦାମ ନିୟନ୍ତ୍ରଣ ପାଇଁ ଏକ କମିଟି ଗଠନ କରି ପ୍ରତି ୨ ମାସରେ ଥରେ ଏହି କମିଟିର ବୈଠକ କରିବା ପାଇଁ ଦାବି ହୋଇଛି । ସେହିଭଳି ଖୁଚୁରା ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ନଥିବାରୁ ଦର ଉଚ୍ଚା ରହୁଛି ଜିଲା ବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ଜିଲା ପ୍ରଶାସନ ତୁରନ୍ତ ଦରଦାମ ନିୟନ୍ତ୍ରଣ ପାଇ କମିଟି ଗଠନ କରି ଚଢାଉ କରିବାକୁ ଜିଲା ବାସୀ ଦାବି କରିଛନ୍ତି

## ବହୁ ଚର୍ଚ୍ଚିତ ନାବାଳକ ହତ୍ୟା ମାମଲା, ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡ



ବ୍ରହ୍ମପୁର(ନିପ୍ର): ୨୦୧୯ ମସିହାରେ ଗୋଶାଣୀନୂଆ ଗାଁ ଥାନା ଅଧିନରେ ନିରୂପମା ଆଚାର୍ଯ୍ୟଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା । ପୁଲିସ ତାରା ତାରିଣୀ ପାହାଡ଼ ପାଦଦେଶରୁ ଉକ୍ତ ୭ବର୍ଷର ଶିଶୁ ଅଂଶୁମାନଙ୍କ ମୃତ ଦେହ ଜବତ କରି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଗିରଫ କରିଥିଲା । ଅଂଶୁମାନଙ୍କ ମା ନିରୂପମାଙ୍କୁ ଅଭିଯୁକ୍ତ ଦେବାଶିଷ ପଣ୍ଡା ଏକ ତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ଦେବାଶିଷ ପ୍ରେମିକା ନିରୂପମାଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ନେଇ ଅତି ନୃଶଂସ ଭାବେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ପାଇଁ ତାରା ତାରିଣୀ ପାହାଡ଼ରେ ପିଙ୍ଗିଦେଇ ଆସିଥିଲା । ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ନରେଶ ମହାନ୍ତି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି ।

# କାଳବୈଶାଖୀର ତାଣ୍ଡବ: ପ୍ରବଳ ପବନରେ ଭାଙ୍ଗିଲା ଗଛ ଓ ବିଦ୍ୟୁତ୍ ଖୁଂଟ



ଧାମନଗର(ନିପ୍ର): ଧାମନଗର ବ୍ଲକ ଅଂଚଳରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଭୟଙ୍କର କାଳବୈଶାଖୀ ତାଣ୍ଡବ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । ପ୍ରବଳ ପବନ, ବିଜୁଳି ଘଡଘଡି ଓ ମୁଷଳଧାରା ବର୍ଷା ଲୋକଙ୍କ ମନରେ ଆତଙ୍କ ଖେଳାଇଦେଇଥିଲା । ପ୍ରାୟ ଏକ ଘଂଟା ଧରି ତୀବ୍ର ବେଗରେ ବହିଥିବା ଝଡ଼ର ପ୍ରଭାବରେ ଧାମନଗର ଓ ପାର୍ଶ୍ୱବର୍ତୀ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ତୀବ୍ରତା ଏତେ ଅଧିକ ଥିଲା ଯେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଓ ଘର ଉପରେ ପଡ଼ିଥିଲା । ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାରେ ଗଛ ପଡ଼ିବା ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ସେହିପରି କୁସୁମା, ଖଡିପଦା, କାଞ୍ଜିଆପାଳ, ବ୍ଲକ ବଜାର ଓ ଅନ୍ୟାନ୍ୟ ଅଂଚଳରେ ଗଛ ଭାଙ୍ଗି ବିଦ୍ୟୁତ୍ ଖୁଂଟ ଉପରେ ପଡ଼ିଥିବାରୁ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲା । ସନ୍ଧ୍ୟା ପରଠାରୁ ଅନ୍ଧକାର ମଧ୍ୟରେ ଲୋକମାନେ ଭୟଭୀତ ଅବସ୍ଥାରେ ସମୟ କାଟିଥିଲେ । ପ୍ରବଳ ପବନର ଝଟକାରେ ବହୁ ସ୍ଥାନରେ ମୋଟର ସାଇକେଲ ରାସ୍ତାରୁ ଖସିପଡ଼ିଥିବା ଦେଖିବାକୁ ମିଳିଥିଲା । କେତେକ ସ୍ଥାନରେ ଦୋକାନର ଟିଣ ଉଡ଼ିଯାଇଥିବା ବେଳେ ଅନେକ ଚାଳ ଘରର ଛପର ମଧ୍ୟ ଭାଙ୍ଗି ନଷ୍ଟ ହୋଇଛି । ଝଡ଼ ଆରମ୍ଭ ହେବା ସହିତ ଲୋକମାନେ ଜୀବନ ବଂଚାଇବା ପାଇଁ ଦୋକାନ, ଘର ଓ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥିଲେ । ବିଜୁଳି ଘଡଘଡି ଓ ପ୍ରଚଣ୍ଡ ପବନର ଶବ୍ଦରେ ଛୋଟ ଛୋଟ ଶିଶୁମାନେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ । ଅନ୍ୟପଟେ କାଳବୈଶାଖୀର ପ୍ରଭାବରେ ଗ୍ରାମାଂଚଳରେ ରବି ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଚାଷୀମାନେ କଷ୍ଟ କରି ଚାଷ କରିଥିବା ଫସଲ ଝଡ଼ ଓ ବର୍ଷାରେ ନଷ୍ଟ ହୋଇ ଯାଇଥିବାରୁ ସେମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଛି । ବିଦ୍ୟୁତ୍ ବିଭାଗର ବ୍ୟବସ୍ଥା ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଅନେକ ଅଂଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବାକୁ ସମୟ ଲାଗିପାରେ ବୋଲି ସୂଚନା ମିଳିଛି । ଝଡ଼ ଥମିବା ପରେ ଧାମନଗର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚି ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ କାଟି ହଟାଇବା କାମ ଆରମ୍ଭ କରିଥିଲେ । ସ୍ଥାନୀୟ ଲୋକ ମାନେ ମଧ୍ୟ ସେମାନଙ୍କୁ ସହଯୋଗ କରିଥିଲେ । ଝଡ଼ ପରେ ପ୍ରଭାବିତ ଅଂଚଳରେ କ୍ଷୟକ୍ଷତିର ଚିତ୍ର ଦେଖି ଲୋକ ମାନେ ଚିନ୍ତାରେ ପଡ଼ିଥିବାବେଳେ ପ୍ରଶାସନ ପକ୍ଷରୁ ଶୀଘ୍ର ରିଲିଫ୍, ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ଜୋର ଧରିଛି । କାଳବୈଶାଖୀର ଏହି ଭୟଙ୍କର ତାଣ୍ଡବ ଧାମନଗର ଅଂଚଳରେ ଭୟ ଓ କ୍ଷତିର ଗଭୀର ଚିହ୍ନ ଛାଡ଼ିଯାଇଛି ।

## ଚଢ଼ାଉ କରିବାକୁ ଯାଇ ମହିଳା ଫରେଷ୍ଟ ଗାର୍ଡ଼ ହେଲେ ହଟହଟା

ନୀଳଗିରି(ନିପ୍ର):ଗୁରୁବାର ରାତିରେ ଗ୍ରାମବାସୀ ମାନେ ସଂରକ୍ଷିତ ଜଙ୍ଗଲ ରୁ ମାଟି ନେଉଥିବାର ଖବର ପାଇ ଜୈନିକ ମହିଳା ଫରେଷ୍ଟ ଗାର୍ଡ ପହଁଚି ଗାଡି ଅଟକାଇବା ରୁ ଗାଡ଼ି ମାଲିକ ଓ ସ୍ଥାନୀୟ ବାସିନ୍ଦା ଆସି ମହିଳା ଗାର୍ଡ ଙ୍କୁ ଦୁବ୍ୟହାର କରି ଥିଲେ । ଖବର ପାଇ ବନ ଅଧିକାରୀ ଫରେଷ୍ଟର ଓ ସବୁଜବାହିନୀ ଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରିଥିଲେ । ନୀଳଗିରି ବନ ବିଭାଗ ଅଧିନସ୍ଥ ଧୋବଶିଳା ବିଟ ହାଉସ ଅଧିନ ଧୋବିଶିଳା ର ରିଜର୍ଭ ଫରେଷ୍ଟ ରୁ ମାଟି କୁ ଟ୍ରାକ୍ଟର ଯୋଗେ ନେଇ ଧୋବଶିଳା ପଂଚାୟତର ୯ନମ୍ବର ୱାର୍ଡ ରାବିଡ଼ି ସାହିରୁ ଡାହିସାହି କୁ ରାସ୍ତା ନିର୍ମାଣ କରାଯାଉଥିଲା । ନିର୍ମାଣ ହେଉଥିବା ରାସ୍ତା ଟି ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ହୋଇଥିବା ରୁ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ମାଟି ଉଠାଇ ରାସ୍ତା ନିର୍ମାଣ କରି ବାକୁ ମନା କରି ଥିଲେ ।ଏଥିରେ ଗାଡ଼ି ମାଲିକ ଓ ଡାହିସାହି ଗ୍ରାମ ର ଲୋକ ଗାର୍ଡ ଶ୍ରୀମତୀ ସାହୁ ଙ୍କୁ ଦୁବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି । ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇବାରୁ ଖବର ପାଇ ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ସବୁଜ ବାହିନୀ ରତିକାନ୍ତ ହାସଁଦା, ଚନ୍ଦନ ଦେବ ଗୋସ୍ୱାମୀ ପ୍ରମୁଖ କର୍ମଚାରୀ ପହଁଚି ବବିତା କୁ ଉଦ୍ଧାର କରିଥିଲେ ।ଘଟଣା ସମ୍ପର୍କରେ ରେଞ୍ଜର ମନୱାର ଖାଁ ପଚାରିବାରୁ ଆଜି ପୂର୍ବାହ୍ନ ରେ ସେ ତଦନ୍ତ କରିବାରୁ ଜଣା ପଡିଲା ପଥର ନୁହଁ ମାଟି ଉଠାଇ ଗ୍ରାମବାସୀ ମାନେ ରାସ୍ତା ନିର୍ମାଣ କରିଛନ୍ତି ବୋଲି କହିଛନ୍ତି । ଅପରପକ୍ଷରେ ସ୍ୱାଧୀନତା ର ୭୯ବର୍ଷ ପରେ ଡାହିସାହି କୁ ରାସ୍ତା ନଥିବା ରୁ ଗ୍ରାମବାସୀ ମାନେ ବର୍ଷା ଦିନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଘଟଣା ସମ୍ପର୍କରେ ଗ୍ରାମ ବାସୀ ମାନେ ବିଭିନ୍ନ ସରକାରୀ ଅଧିକାରୀ, ସରପଂଚ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବାରମ୍ବାର ଅଗତି କଲେ ବି ଉକ୍ତ ଜାଗା ଟି ସଂରକ୍ଷିତ ଏବଂ ଗ୍ରାମ୍ୟ ଜଙ୍ଗଲ ହୋଇଥିବା ରୁ କାର୍ଯ୍ୟ ହେଇ ପାରୁନଥିବାଥିଲା ।

## ଜିଲ୍ଲାପାଳ ମହୋଦୟଙ୍କ ସୂଚନା

ପୁରୀ(ନିପ୍ର): ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ କାର୍ଯ୍ୟସୂଚୀ ଚୁଡାନ୍ତ ହୋଇଛି । ଏକ ସୁସ୍ଥ, ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଆମ ସମସ୍ତଙ୍କ ଦାୟିତ୍ୱ । ଆମ ଜିଲ୍ଲାରେ ଏସ ଆଇ ଆର ଲାଗି ୧୬୦୯ ଗୋଟି ବୁଥ ପାଇଁ ବିଏଲଓ ବା ବୁଥ ଲେବଲ ଅଫିସର ଙ୍କ ସହ ତାହାକୁ ତଦାରଖ ପାଇଁ ୧୬୧ ସୁପରଭାଇଜର ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜନୈତିକ ଦଳ ମାନେ ମଧ୍ୟ ପ୍ରତ୍ୟେକ ବୁଥରେ ବିଏଲଏ ବା ବୁଥ ଲେବଲ ଏଜେଂଟ ଙ୍କୁ ଦାୟିତ୍ୱ ଦେଇଛନ୍ତି । ଯାହା ଫଳରେ ଭୋଟର ତାଲିକା ତୃଟି ଶୂନ୍ୟ ଓ ସ୍ୱଚ୍ଛ ହୋଇ ପାରିବ । ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁସାରେ ଚଳିତ ବର୍ଷ ଜୁଲାଇ ୧ ତାରିଖ କୁ ଯୋଗ୍ୟତା ତାରିଖ ଧରାଯାଇଛି । ମଇ ମାସ ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ଗଣନା ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଂଟିଂ କାର୍ଯ୍ୟ କରାଯାଉଛି । ବିଏଲଓ ମାନେ ମଇ ମାସ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରିବେ । ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରଦର୍ଶିତ ହେବ ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ ସମୀକ୍ଷା ବୈଠକ




ଝାରସୁଗୁଡ଼ା(ନିପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ସମନ୍ୱିତ ଶିଶୁ ବିକାଶ ସେବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଶିଶୁ ଓ ମାତୃ ମଙ୍ଗଳ ଯୋଜନାର ଅଗ୍ରଗତି ଏବଂ ବିଭିନ୍ନ ବୈଷୟିକ ବ୍ୟବସ୍ଥାର ସଫଳ ରୂପାୟନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବୈଠକ ଅବସରରେ ଜିଲ୍ଲାପାଳ ଚଳିତ ମାସ ମଧ୍ୟରେ ପୋଷଣ ଟ୍ରାକର ଆପ୍ ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କ 'ଆଭା ଆଇଡି' (ଇଓ୍ଇଇ ଓଉ) ପ୍ରସ୍ତୁତ ଓ ସଂଯୋଗ ପ୍ରକ୍ରିୟା ଶେଷ କରିବାକୁ ସେ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟଦକ୍ଷତା ମାପିବା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ୧୦୦ ପ୍ରତିଶତ ଫେସ୍ ରେକଗ୍ନିସନ ସିଷ୍ଟମ ବା ମୁଖମଣ୍ଡଳ ଚିହ୍ନଟ ପ୍ରକ୍ରିୟା ଲାଗୁ କରିବାକୁ କୁହାଯାଇଛି । ଅଙ୍ଗନୱାଡ଼ି ଗୃହ ନିର୍ମାଣ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ପାଇଁ ବୈଠକରେ ଏକ ବିକଳ୍ପ ରଣନୀତି ପ୍ରସ୍ତୁତ କରାଯାଇଛି । ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ, ଡିଏମଏଫ ଅଂଚଳରେ ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ପାଇଁ ପାଣ୍ଠି ମଞ୍ଜୁର ହୋଇଛି ମାତ୍ର ଜମି ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ, ସେହି ପାଣ୍ଠିକୁ ଅନ୍ୟତ୍ର ଡାଇଭର୍ସନ କରାଯିବ । ଜମି ଚିହ୍ନଟ ହୋଇସାରିଥିବା ଅନ୍ୟାନ୍ୟ ଜରାଜୀର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ନୂତନ ଗୃହ ନିର୍ମାଣ ପାଇଁ ଏହି ଅର୍ଥ ବିନିଯୋଗ କରିବାକୁ ବୈଠକରେ ପ୍ରସ୍ତାବ ଦେବା ପାଇଁ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହିତାଧିକାରୀମାନେ ଯେପରି ସରକାରୀ ସେବାରୁ ବଂଚିତ ନହେବେ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତି ଜୟନ୍ତୀ ଗାର୍ତିଆ ଏବଂ ଜିଲ୍ଲା ପୋଷଣ ସଂଯୋଜକ ରମାକାନ୍ତ ନାୟକଙ୍କ ସମେତ ସମସ୍ତ ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, କର୍ପୂର ପଟେଲ, ସଲମା ଟୁଡୁ, ତରୁଲତା ପଟେଲ, ବନିତା ପାଣ୍ଡେ, ସନ୍ତୋଷିନୀ ପଟେଲ ଓ ଶୀଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ମଣ୍ଡି ଉଦ୍‌ଘାଟିତ



ନୂଆପଡ଼ା(ନିପ୍ର): ଗତ କୋଡ଼ିଏ ତାରିଖ ଦିନ ନୂଆପଡ଼ା ଜିଲ୍ଲାରେ ଧାନ ମଣ୍ଡି ଶୁଭାରମ୍ଭ କରା ଯାଇଥିଲା । ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ସବୁ ଆରମ୍ଭ ହୋଇ ଯାଇଛି । ଖଡ଼ିଆଳ ବ୍ଲକ ବରଗାଁ ପେକ୍ସ ଅଧୀନରେ ତିନିଟି ମଣ୍ଡି ଯଥା ବର ଗାଁ, ସାନମହେଶ୍ୱର ଓ ଖୁଦପେଜ ମଣ୍ଡି ଆଜି ଉଦଘାଟିତ ହୋଇ ଯାଇଛି । ପେକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ପୂଜାର୍ଚ୍ଚନା କରି ମଣ୍ଡି ସବୁର ଆରମ୍ଭ କରିଥିଲେ । ଏହି ତିନି ମଣ୍ଡି ପାଇଁ ମୋଟ ୧୩୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅଶି ହଜାର କ୍ୱିଂଟାଲରୁ ଅଧିକ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆ ଯାଇଛି । ଚାଷୀ ମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରା ଯାଇଥିବା କହିଛନ୍ତି ପେକ୍ସ ସଭାପତି । କଟଣି ଛଟନି ବନ୍ଦ କରିବା, ପଲିଥିନ ଯୋଗାଇବା, ଠିକ୍ ସମୟରେ ଧାନ ଉଠିବା ଆଦି ଦାବି କରିଛନ୍ତି ଚାଷୀ ।

## ପାନୀୟ ଜଳ ପାଇଁ ରାସ୍ତା ଅବରୋଧ ଗ୍ରାମବାସୀ

ନୀଳଗିରି(ନିପ୍ର): ନୀଳଗିରି ସହରରେ ଏବେ ପାନୀୟ ଜଳର ଘୋର ଅଭାବ ଦେଖାଯାଇଛି । ପାନୀୟ ଜଳ ନ ପାଇବାରୁ ଗ୍ରାମ ର ମହିଳା ମାନେ ଗରା, ବାଲଟି, ଧରି ରାସ୍ତା ଅବରୋଧ କରିଥିଲେ । ବିବରଣୀ ଅନୁଯାୟୀ ନୀଳଗିରି ଏନଏସି ଅଧିନସ୍ଥ ୫ନଂ ୱାର୍ଡ ବରିସାହି ଗ୍ରାମରେ ଜଳ ସ୍ତର କମି ଯାଉ ଥିବା ରୁ ନଳକୂଅ ଗୁଡିକରୁ ପାଣି ବାହାରୁନାହିଁ, ନିୟମିତ ପାଇପି ପାଣି ଆସୁ ନଥିବାରୁ ଗ୍ରାମରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି । ଏନେଇ ଗ୍ରାମ ବାସୀ ମାନେ ବାରମ୍ବାର ଅଧିକାରୀ ଙ୍କୁ ଜଣାଇଲା ପରେ ବି ସମସ୍ୟା ର ସମାଧାନ ହେଉନାହିଁ । ଏପଟେ ଅସହ୍ୟ ଗ୍ରୀଷ୍ମ ପବାହ ଯୋଗୁ ପାନୀୟ ଜଳ ପାଇଁ ଗ୍ରାମବାସୀ ମାନେ ଡହଳ ବିକଳ ହେଉ ଛନ୍ତି । ଆଜି ବାରିସାହି ଗ୍ରାମର ଶାନ୍ତିଲତା ଦାସ,ରଂଜିତା ଦାସ, ଜୟନ୍ତୀ ଦାସ, ସୁରତି ଦାସ,ମାଳତୀ ସ୍ୱାଇଁ, ଜମା ସ୍ୱାଇଁ, କୃଷ୍ଣ । ସ୍ୱାଇଁ, ସସ୍ମିତା ସ୍ୱାଇଁ ପ୍ରମୁଖ ଶତାଧିକ ମହିଳା ପୂର୍ବାହ୍ନ୧୨ଘଟିକା ସମୟ ରେ ୧୯ ନଂ ରାଜ୍ୟ ରାଜପଥ ର ନୀଳଗିରି -ଶେରଗଡ଼ ବରିସାହି ମନୀଷା ମନ୍ଦିର ଛକରେ ମହିଳାମାନେ ରାସ୍ତା ଅବରୋଧ କରିଥିଲେ ।




ଏତଦ୍ ଦ୍ୱାରା ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ଅବଗତି ନିମନ୍ତେ ବିଦ୍ୟାଳୟ କର୍ତୃପକ୍ଷଙ୍କ ଦ୍ୱାରା ସୂଚେଇ ଦିଆଯାଉଛି ଯେ ଚିଠି ସଂଖ୍ୟା ୧୦୫୯୯/୨୦୨୪ ବଳରେ ଏ ପି ଜେ ଅବଦୁଲ କଲାମ ହାୟାର ସେକେଣ୍ଡାରୀ ସ୍କୁଲ ବାରିପଦା ରେ ଖୋଲିବା ପାଇଁ ଅନୁମତି ମିଳିଥିଲା କିନ୍ତୁ ସ୍କୁଲ୍ ମ୍ୟାନେଜମେଂଟ ବାରିପଦା ଅଂଚଳରେ ଅନେକ ହାୟାର ସେକେଣ୍ଡାରୀ ସ୍କୁଲ ଥିବା ଓ ନିଜ ଜନ୍ମ ମାଟି ବେତନଟୀ ଅଂଚଳରେ ଭଲ ଘୋରୋଇ ହାୟାର ସେକେଣ୍ଡାରୀ ସ୍କୁଲ ନଥିବା କାରଣରୁ ଅନେକ ପିଲା ଓ ଅଭିଭାବକ ମାନେ ହଇରାଣ ହରକତ ହେଉଥିବା ଦେଖି ଏହି ସ୍କୁଲ୍ ବେତନଟୀ ବ୍ଲକ ଅଂଚଳ ରେ କଲେ ଅନେକ ଛାତ୍ର ଛାତ୍ରୀ ଓ ଅଭିଭାବକ ଏହା ଦ୍ୱାରା ଉପକୃତ ହେବେ ବୋଲି ଅନୁଭବ କରି ଏହି ସ୍କୁଲ୍ ବେତନଟୀ ଅଂଚଳକୁ ସ୍ଥାନାନ୍ତର କରି ଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ସ୍ଥାନାନ୍ତର ପାଇଁ ଅନୁମତି ପ୍ରାର୍ଥନା କରିଥିଲେ ୨୨/୦୫/୨୦୨୬ ତାରିଖ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ସ୍କୁଲ୍ ପରିଦର୍ଶନ କରି ସମସ୍ତ ମାନଦଣ୍ଡ ଓ ଆବଶ୍ୟକୀୟ କାଗଜ ପତ୍ର ଯାଂଚ କରି ଅନୁମତି ପ୍ରଦାନ କରିଛନ୍ତି ତେଣୁ ବର୍ତମାନ ଏହି ସ୍କୁଲ୍ ସୁରୁଖୁରୁରେ ଚାଲୁଅଛି ଏଠାରେ ପାଠ ପଢାଉଥିବା ଅଭିଜ୍ଞ ଶିକ୍ଷକ ମାନଙ୍କ ଅଭିଜ୍ଞତା ଆଧାର ରେ ଛାତ୍ର ଛାତ୍ରୀ ମାନେ ପୃଥକ ପୃଥକ ଭାବରେ ରହି ଅଧୟନ କରୁଛନ୍ତି । ଏହି ଛାତ୍ର ଛାତ୍ରୀ ମାନେ ନିଶ୍ଚୟ ଭଲ ଅଙ୍କ ସହ ପାସ୍ କରି ଆମ ସ୍କୁଲର ନାମ କୁ ଜିଲ୍ଲା ତଥା ରାଜ୍ୟରେ ସୁପରିଚିତ କରାଇବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଣୁ ଆମେ ଆମ ଏ ପି ଜେ ଅବଦୁଲ କଲାମ ହାୟାର ସେକେଣ୍ଡାରୀ ସ୍କୁଲରେ ପାଠ ପଢ଼ାଉଥିବା ଓ ପାଠ ପଢାଇବାକୁ ଇଚ୍ଛୁକ ଥିବା ପିତା ମାତା ଅଭିଭାବକ ମାନଙ୍କୁ ଅନୁରୋଧ କରୁଛୁ ମନରେ ତିଳେମାତ୍ର ସନ୍ଦେହ ନରଖି ଆମ ଅନୁଷ୍ଠାନ ଆସି ଆମ କାଗଜ ପତ୍ର ଯାଂଚ କରି ଆମ ହାତ ସହିତ ହାତ ମିଳାଇ ନିଜ ପିଲାର ଉଜ୍ଜଳ ଭବିଷ୍ୟତ ଗଢ଼ିବାରେ ସହାୟତା କରନ୍ତୁ । ଆପଣ ମାନଙ୍କ ସହଯୋଗ ଆମ ପାଇଁ ନିତ୍ୟାନ୍ତ କାମ୍ୟ ।

## ଓମଫେଡର ବକେୟା ଟଙ୍କା ନଦେଲେ ରଦ୍ଦ ହେବ ଲାଇସେନ୍ସ

ଭୁବନେଶ୍ୱର: ଓମ୍ ଫେଡର ବକେୟା ଟଙ୍କା ଜମା ନକଲେ ଲାଇସେନ୍ସ ରଦ୍ଦ ହେବ । ଏପରିକି ଏଫଆଇଆର ମଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ସେ କହିଛନ୍ତି ଯେ ୧୦ ରୁ ୧୨ ଜଣ ଡିଲର୍ ୫ କୋଟିରୁ ଅଧିକ ଟଙ୍କା ବକେୟା ରଖିଛନ୍ତି । ୭ ଦିନ ଭିତରେ ଓମଫେଡର ବକେୟା ପଇସା ପୈଠ ନକଲେ ଲାଇସେନ୍ସ ରଦ୍ଦ କରାଯିବ । ଏହାସହ ନିର୍ଦ୍ଧାରିତ ସମୟରେ ବକେୟା ରାଶି ପୈଠ ନକଲେ ବ୍ୟକ୍ତିଗତ ଏଫଆଇଆର ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଛତ୍ରପୁରରେ ଏସ ଆଇ ଆର ସଚେତନତା ପଦଯାତ୍ରା




ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଆଜି ସକାଳେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ସଚେତନତା ପଦଯାତ୍ରା ଛତ୍ରପୁରସ୍ଥିତ ଜିଲ୍ଲପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା ପୂର୍ବକ ସର୍କିଟ ହାଉସରେ ଶେଷ ହୋଇଥିଲା । ଏହି ପଦଯାତ୍ରାରେ ଜିଲ୍ଲାପାଳ ଭି କୀର୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବଦତ ପଣ୍ଡା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର (ନିର୍ବାଚନ ) ଡ଼ଃ ଅଶୋକ କୁମାର ଖଣ୍ଡା, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଛତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ବି ଏଲ ଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେବା ପୂର୍ବକ ଏସ ଆଇ ଆର ଚାଲିଥିବା ସମୟରେ କଣ କଣ କରିବେ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ସଠିକ ତଥ୍ୟ ଦେବା ସହ ବି ଏଲ ଓ ମାନଙ୍କୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।





# ମନ୍ତ୍ରୀଙ୍କ ଦ୍ୱାରା ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ

ଧାମନଗର : ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋହଡ଼ା ପଂଚାୟତର ବିଭିନ୍ନ ଗ୍ରାମ ପାଇଁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନେକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହ କେତେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏହି ମେଗା କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମଧ ମନ୍ତ୍ରୀଙ୍କ ସହ ସାମିଲ ହୋଇଥିଲେ ସୋହଡ଼ା ପଂଚାୟତର ପ୍ରମୁଖ ୯ଟି ଗାଁ ଯଥା— ପିତେଇପୁର, ଡାଙ୍ଗୁଆପାଟଣା, ଗୌରାଙ୍ଗପୁର-ଦୁଲାରପୁର-ପାଟୁଳି, କଂଟାପାରି, ବେଦପୁର, କ୍ଷେଣ୍ଟପୁର, ମିଶ୍ରପୁର, ସୋହଡ଼ା



ଓ ବାଲିପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ମୋଟ ୨,୦୧,୪୬,୪୩୪ ଟଙ୍କା ବ୍ୟୟ ଅଟକଳରେ ସର୍ବମୋଟ ୭୮ଟି ପ୍ରକଳ୍ପ ହାତକୁ ନିଆଯାଇଛି । ଗ୍ରାମୀଣ ଭିତିଭୂମିର ସୁଦୃଢ଼ୀକରଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ୨୫ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି । ସେହିପରି ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬ଟି ସ୍କୁଲର ମରାମତି ଓ ୧୨ଟି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଓ ପୁନରୁଦ୍ଧାର ହେବ । ସାମାଜିକ କାର୍ଯ୍ୟ ପାଇଁ ୧୧ଟି ଗୋଷ୍ଠୀ କେନ୍ଦ୍ର, ଆଧାତ୍ମିକ ଭାବନା ରକ୍ଷା ପାଇଁ ୭ଟି ମନ୍ଦିର/ଭୋଗମଣ୍ଡପ, ବାଲିପଡ଼ାଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି, ବେଦପୁରରେ ଜଗନ୍ନାଥ ଦାସ ସ୍ମାରକୀ ଗ୍ରନ୍ଥାଗାର ଓ ବୈକୁଣ୍ଠି ଆଦର୍ଶ ପୁଷ୍କରିଣୀ ସଂରକ୍ଷଣ, ପିତେଇପୁରରେ ପାଲା ମଣ୍ଡପ ଏବଂ କ୍ଷେଣ୍ଟପୁରଠାରେ ଏକ ଛୋଟ ପୋଲ ନିର୍ମାଣ ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହି ଗସ୍ତକାଳରେ ପିତେଇପୁରଠାରେ ପବିତ୍ର ବୈତରଣୀ ନଦୀରେ ନିର୍ମିତ ନୂତନ ସୁଦୃଶ୍ୟ ସ୍ନାନଘାଟ ତଥା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ ହୋଇଯାଇଛି । ଆଗାମୀ ଦିନରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇବା ଅଧିକ ସହଜ ଏବଂ ସୁରକ୍ଷିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ସତପଥୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାପାଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଚାଲିଥିବା ବିଭିନ୍ନ ସିଭିଲ କାର୍ଯ୍ୟର ସମୀକ୍ଷା କରି ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ଭିତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ପ୍ରାଚୀର ଏବଂ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ରେ ନୂଆପଡ଼ା ବ୍ଲକରେ ୨୦ଟି ଏବଂ ଖଡ଼ିଆଳ ବ୍ଲକରେ ୧୮ଟି ସବ୍ ସେଂଟର ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ବେଳେ ନୂଆପଡ଼ାରେ ୧୦ଟି ଏବଂ ଖଡ଼ିଆଳରେ ୧୧ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସେହିପରି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ନୂଆପଡ଼ାରେ ୨ଟି ଏବଂ ଖଡ଼ିଆଳରେ ୫ଟି ନୂତନ ସବ୍ ସେଂଟର ମଞ୍ଜୁର ହୋଇଛି । ଜିଲ୍ଲାରେ ବର୍ତ୍ତମାନ ୧୧୭୦ ଜଣ ଆଶା କର୍ମୀ କାର୍ଯ୍ୟରତ ରହି ଗର୍ଭବତୀ ମହିଳାଙ୍କୁ ସହାୟତା ପ୍ରଦାନ ସହ ସ୍ୱାସ୍ଥ୍ୟ ସେବା ପହଂଚାଇବାରେ ସହଯୋଗ କରୁଥିବା ସୂଚନା ଦିଆଯାଇଥିଲା । ଜାତୀୟ ସିକଲ ସେଲ ଆନିମିଆ ନିରାକରଣ ମିଶନ ଅଧୀନରେ ନୂଆପଡ଼ା ଜିଲ୍ଲା ସିକଲ ସେଲ ସ୍କ୍ରିନିଂ କ୍ଷେତ୍ରରେ ୧୦୪ ପ୍ରତିଶତ ସଫଳତା ହାସଲ କରିଛି । ଏହି କାର୍ଯ୍ୟକ୍ରମରେ ୧,୪୧,୧୯୩ ଜଣଙ୍କ ସ୍କ୍ରିନିଂ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧, ୪୬, ୬୨୫ ଜଣଙ୍କ ସ୍କ୍ରିନିଂ କରାଯାଇଛି । ସେହିପରି ସିକଲ ସେଲ କାର୍ଡ ବଂଟନ କ୍ଷେତ୍ରରେ ୧, ୧୪,୨୪୨ ଲକ୍ଷ୍ୟ ବିପରୀତ ୧,୦୯,୦୦୩ ଜଣଙ୍କୁ କାର୍ଡ ବଂଟନ କରାଯାଇ ୯୫ ପ୍ରତିଶତ ସଫଳତା ହାସଲ କରାଯାଇଛି । ଏହାସହ ଜିଲ୍ଲାର ପାଂଚଟି ବ୍ଲକରେ ଅବସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡ଼ିକରେ ୧ ଏପ୍ରିଲ ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ ୫,୫୮,୫୯୪ ଜଣ ରୋଗୀ ସ୍ୱାସ୍ଥ୍ୟ ସେବା ଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୨, ୫୩, ୫୧୦ ଜଣ ପୁରୁଷ ଏବଂ ୩, ୦୪, ୭୪୪ ଜଣ ମହିଳା ରହିଛନ୍ତି । ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବାର ସମସ୍ତ ମାନଦଣ୍ଡରେ ଉତମ ସଫଳତା ହାସଲ ପାଇଁ ଅଧିକ ପରିଶ୍ରମ ଏବଂ ସମନ୍ୱୟ ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସେ ଜିଲ୍ଲାରେ ୮୦ ବର୍ଷରୁ ଅଧିକ ବୟସ୍କ ପ୍ରବୀଣ ନାଗରିକଙ୍କ ପାଇଁ ଚାଲିଥିବା ଘରକୁ ଘର ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ମଧ ସମୀକ୍ଷା କରିଥିଲେ । ବୈଠକରେ ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମଏସ୍) ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଅଜୟ ପଣ୍ଡା, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଦାରିଙ୍ଗବାଡ଼ି ପର୍ଯ୍ୟଟନ ପାଇଁ ଆଧିକାରୀକ ୱେବସାଇଟ୍ ଆରମ୍ଭ

କନ୍ଧମାଳ : (ହି.ସ.) – କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଦାରିଙ୍ଗବାଡ଼ି, ଯାହାକୁ "ଓଡ଼ିଶାର କାଶ୍ମୀର" ଭାବେ ଜଣାଯାଏ, ଆଧିକାରୀକ ପର୍ଯ୍ୟଟନ ୱେବସାଇଟ୍ ଆରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ, **https://explore dar-ing badi.com/** ନାମକ ଏହି ୱେବସାଇଟ୍‌ରେ ଦାରିଙ୍ଗବାଡ଼ି ସମ୍ପର୍କିତ ସମସ୍ତ ପର୍ଯ୍ୟଟନ ସୂଚନା ଉପଲବ୍ଧ କରାଯାଇଛି । ଏହି ପୋର୍ଟାଲ୍ ମାଧ୍ୟମରେ ପାଇନ୍ ଫରେଷ୍ଟ, ଜଳପ୍ରପାତ, କଫି ଗାର୍ଡେନ୍, ଭ୍ୟୁ ପଏଂଟ ଓ ଅନ୍ୟାନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ । ଏହାସହିତ ହୋଟେଲ୍, ରିସର୍ଟ୍, ହୋମ୍‌ଷ୍ଟେ ଓ ଯାତାୟାତ ସୁବିଧା ବିଷୟରେ ମଧ ପର୍ଯ୍ୟଟକମାନେ ତଥ୍ୟ ପାଇପାରିବେ । ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଡାରିଙ୍ଗବାଡ଼ି ପର୍ଯ୍ୟଟନକୁ ଡିଜିଟାଲ୍ ମାଧ୍ୟମରେ ଆହୁରି ସହଜ ଓ ସୁଗମ କରିବା ସହିତ ଇକୋ-ଟୁରିଜିମ୍ ଓ ସ୍ଥାନୀୟ ଅର୍ଥନୀତିକୁ ନୂତନ ଗତି ଦେବ ବୋଲି ଆଶା ବ୍ୟକ୍ତ କରାଯାଇଛି ।

# ଗରମରେ ସିଝୁଛି କୋରାପୁଟ : ଜନଜୀବନ ଅସ୍ତବ୍ୟସ୍ତ

ଜୟପୁର : (ହି.ସ.) - ଗରମରେ ସିଝୁଛି କୋରାପୁଟ । ପୂର୍ବାହ୍ନ ୧୦ଟା ନ ହେଉଣୁ ପାରଦ ଟପୁଛି ୪୦ ଡିଗ୍ରୀ । କୋରାପୁଟ ଜିଲା ସହ ଜୟପୁର, ସୁନାବେଡା, କୋଟପାଡ, ସେମିଳିଗୁଡା, ଲକ୍ଷ୍ମୀପୁର, ବୋରିଗୁମ୍ମା, ବୈପାରିଗୁଡା ସହର ସମେତ ସାରା ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଥିବା ବେଳେ ଆକାଶରୁ ନିଆଁ ବର୍ଷୁଛି । ସକାଳ ୧୧ଟା ବାଜିଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି । ଜିଲ୍ଲାର ଜୟପୁର ସହରରେ ଗ୍ରୀଷ୍ମର ପ୍ରକୋପ ଏମିତି ଯେ, ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି । ପୂର୍ବାହ୍ନ ୧୧ଟାରେ ହିଁ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବାରୁ ବେଳେ ଲୋକେ ହନ୍ତସନ୍ତ ହେଉଛନ୍ତି । ଜରୁରୀ କାମ ଥିଲେ ହେଁ ଲୋକେ ବାହାରକୁ ବାହାରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାସ୍ତାରେ ଯାଉଥିବା ଲୋକେ ଲସି କିମ୍ବା ସରବତ ଦୋକାନରେ ଭିଡ ଜମାଉଛନ୍ତି । ଜୟପୁର ସହରରେ ବିଗତ ବର୍ଷ ଠାରୁ ଏକ ଭିନ୍ନ ଧରଣର ଖରା ହେଉଛି । ୪୦ ଡିଗ୍ରୀ ଉପରେ ଖରା ହେଉଛି । ହେଲେ ଅଧିକ ତାପମାତ୍ରା ଅନୁଭୂତ ହେଉଛି । ଖର । ପାଇଁ ୧୧ଟା ହେଲେ ଲୋକେ ବାହାରୁ ନାହାନ୍ତି । ଜରୁରୀ କାମ ପଡିଲେ ହିଁ ବାହାରକୁ ବାହାରୁଛନ୍ତି । ଖରରେ ଅଂଶୁଘାତର ସମ୍ଭାବନା ଦେଖା ଯାଉଛି । ଯେଉଁ ଭଳି ଖରା ହେଉଛି ଯଦି ଚଷମା କିମ୍ବା ଚର୍ମ ନ ଘୋଡାଇଲେ ବହୁତ ସମସ୍ୟା ହେଉଛି । ବିନା କାମରେ ଖରାରେ ବାହାରିବା ବହୁତ କଷ୍ଟ । ଦିନ ୧୧ ଟାରେ ହିଁ ୪୨ ଡିଗ୍ରୀ ଖରା ଅନୁଭୂତ ହେଉଛି । ବାହାରକୁ ବାହାରିଲେ ଲସି କିମ୍ବା ସର୍ବତ କିଛିନ ପିଇଲେ ମନକୁ ଶାନ୍ତି ଲାଗୁନି । ଯେଉଁ ଭଳି ଭାବରେ ଖରା ଏବଂ ଗୁଳୁଗୁଳି ହେଉଛି ଦେହ ଜଳିଗଲା ପରି ଲାଗୁଛି । ଘରେ ମଧ ରହି ହେଉ ନାହୁଁ ବାରମ୍ବାର ବିଜୁଳି କାଟ ଯୋଗୁଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୟପୁର ସହର ଖରୁଜିବନ୍ଧ, ବୋରିଗୁମ୍ମା ବ୍ଲକର ବେଣାଗାଁ ରେ ମାଛ ମଡକ ଦେଖାଯାଇଥିଲା । ଗରମ ଯୋଗୁଁ ମାଛ ମରି ପାଣିରେ ଭାସୁଥିବା ଦେଖାଯାଇଛି

# ବାଇକ୍ ଚୋରି ଅଭିଯୋଗ

ଜୟପୁର : (ହି.ସ.) – କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦୋରାଗୁଡ଼ା ସାପ୍ତାହିକ ହାଟରୁ ବାଇକ୍ ଚୋରୀ ଅଭିଯୋଗ ନେଇ ଥାନା ଦ୍ୱାରସ୍ଥ ହୋଇଛନ୍ତି ଗାଡ଼ି ମାଲିକ ଉଗୁ ସାଗରିଆ । ଏତଲା ଅନୁଯାଇ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବଡ଼କେରଙ୍ଗା ପଂଚାୟତର ଗଂଜେଇ ପଦର ଗାଁର ଉଗୁ ସଗରିଆ(୩୮) ନିଜ ସବୁଜ ରଙ୍ଗର ଏଚ୍‌ଡି ଡିଲକ୍ସ ବାଇକ୍(ଓଡ଼ ୧୦ ଖ ୪୩୦୨) ଯୋଗେ ଗତ ତା ୨୫-୦୫-୨୬ରିଖ ଦିନ ଗୋଟାଏ ସମୟରେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଚନ୍ଦ୍ରପୋଡ଼ା ପଂଚାୟତର ଦୋରାଗୁଡ଼ା ସାପ୍ତାହିକ ହାଟକୁ ଆସଥିଲେ । ହାଟ ନିକଟରେ ବାଇକ୍ ରଖି ହାଟ କାମ ସାରି ଘରକୁ ଫେରିବା ପାଇଁ ବାହାରିଲେ । ହେଲେ ବାଇକ୍ ଯେଉଁ ସ୍ଥାନରେ ରଖିଥିଲେ ସେଠାରୁ ବାଇକ ନଥିଲା । ଦୀର୍ଘ ସମୟ ଧରି ଆଖ ପାଖ ଅଂଚଳ ଖୋଜାଖୋଜି କରିଥିଲେ ଏବଂ ଲୋକଙ୍କୁ ପଚାରି ବୁଝିଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନାହିଁ । ଏଣୁ ବାଧହୋଇ ବାଇକ ଚୋରୀ ଅଭିଯୋଗ ନେଇ ବୈପାରୀଗୁଡ଼ା ଥାନା ଦ୍ୱାରସ୍ଥ ହୋଇଛନ୍ତି ବାଇକ ମାଲିକ ଉଗୁ ସାଗରିଆ ।

# ସାଇବର ସଚେତନତା ଶିବିର

ଭଦ୍ରକ : (ହି.ସ.) - ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ଏରେଇଁ ଗ୍ରାମ ପଂଚାୟତର କଲ୍ୟାଣ ମଣ୍ଡପ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଜିଲ୍ଲା ଏଫ୍ ଏଲ୍ ସି ଅଶ୍ୱିନୀ କୁମାର ନାୟକ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ସିଡ଼ିପିଓ, ଭଦ୍ରକ ଓ ଏରେଇ ପଂଚାୟତ ର ସରପଂଚ ମହୋଦୟା ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସାଇବର ସେଲ ଅଧକ୍ଷ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନ, ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକ ମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ । ଏଫ୍ ଏଲ ସି ଓ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡ଼ିକ ସମ୍ବଧରେ ଜଣାଇଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ମୋଟ ୧୦୦ ଜଣ ଗ୍ରାମବାସୀ ଯୋଗଦେଇଥିଲେ । ଏହି ସଭାରେ ଶିଖିଥିବା ତଥ୍ୟ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ଓ ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଂଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ସଭାଟିକୁ ସଫଳ କରିବାରେ ଏରେଇଁ ପଂଚାୟତ ର ସରପଂଚ, କାର୍ଯ୍ୟକର୍ତା ଓ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗ ର କର୍ମକର୍ତା ଓ ଡାକ ଏଜେଂଟ ମାନେ ସହାୟକ ହୋଇଛନ୍ତି ।

# ବିନା ବା-ବତାସରେ ଉଜୁଡ଼ିଲା ସମ୍ବଲପୁରୀ ହସ୍ତତନ୍ତ ମଣ୍ଡପ

ସମ୍ବଲପୁର : (ହି.ସ.) – ଖରାର ତାତି ପ୍ରଖର, ବର୍ଷା ନାହିଁ କି ପବନ ନାହିଁ । ଏଭଳି ପରିସ୍ଥିତିରେ ପଦାକୁ ଗୋଡ଼ କାଢ଼ିବାକୁ ଲୋକେ ଦୁଇ ଥର ଭାବୁଛନ୍ତି । ରାସ୍ତାଘାଟ ମଧ ଏକ ରକମର ଶୂନଶାନ୍ କହିଲେ ଚଳେ । ମାତ୍ର ଆଖିକୁ ବିଶ୍ୱାସ ନହେଲେ ବି, ସମ୍ବଲପୁର ମହାନଗର ନିଗମ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ସମ୍ବଲପୁରୀ ହସ୍ତତନ୍ତ ପ୍ରଦର୍ଶନୀ ମଣ୍ଡପ ହଠାତ୍ ଉଜୁଡି ଯାଇଛି । ଆକାଶବାଣୀ କେନ୍ଦ୍ର ନିକଟରେ ୨୦ରୁ ୨୫ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ଏହି ମଣ୍ଡପ ଉପରେ ପରିସରରେ ଥିବା ଏକ ବିଶାଳକାୟ ଗଛର ଡାଳ ଭାଙ୍ଗି ପଡ଼ିବା ଫଳରେ ସବୁକିଛି ଉଜୁଡି ପଡିଛି । ଏଭଳି ଦୃଶ୍ୟ ଦେଖି ଲୋକଙ୍କ ହୋହଲ୍ଲାରେ ତୁରନ୍ତ ପ୍ରଶାସନ ପକ୍ଷରୁ ଏହି ପରିସରରୁ ଭାଙ୍ଗି ଯାଇଥିବା ଡାଳ ପତ୍ର ସଫେଇ କରାଯାଇଥିଲା । ସହରର ସୌନ୍ଦର୍ଯ୍ୟକରଣ ସହିତ ସମ୍ବଲପୁରୀ ହସ୍ତତନ୍ତକୁ ସୁଦୁରପ୍ରସାରୀ କରିବା ଯୋଜନା ହୋଇଥିବା ଏହି ମଣ୍ଡପ ଏତିକିରେ କ୍ଷତିଗ୍ରସ୍ତ ହେବା ସମ୍ଭବତଃ ନିର୍ମାଣ କାର୍ଯ୍ୟରେ କିଛି ଦୋଷ ତ୍ରୁଟି ରହି ଯାଇଥିଲା କି, ଭଳି ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଜିର ଏହି ଘଟଣା ପରେ ସମ୍ବଲପୁର ସହରର ବିକାଶ ପାଇଁ ମହାନଗର ନିଗମ ପକ୍ଷରୁ ହେଉଥିବା ସମସ୍ତ କାର୍ଯ୍ୟର ମାନ ସଠିକ୍ ଭାବେ ତଦାରଖ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନକୁ ସର୍ବଦଳୀୟ ବୈଠକ

ଭଦ୍ରକ : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲେର ମଙ୍ଗଳବାର ଅପରାହ୍ନେର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକେର ବିଡ଼ିଓ ଅଧକ୍ଷତାକରି ସୂଚନା ଦେଇ କହିଥିଲେଯେ,ଭାଟର ତାଲିକା ପ୍ରସ୍ତୁତିକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ତଥା ଏହାକୁ କ୍ରିୟାଶୀଳ କରିବା ନେଇ ବିଭିନ୍ନ ପଦେକ୍ଷପ ନିଆଯାଇଛି । ଆସନ୍ତା ୩୦ତାରିଖ ଠାରୁ ୭ଦିନ ପର୍ଯ୍ୟନ୍ତ ପ୍ରେତ୍ୟକ ବୁଥେର ଭୋଟରଙ୍କ ନାମ ପଞ୍ଜିକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇ ପାରିବ ସେନଇ ବ୍ୟବସ୍ଥା କରାଯାଇଛି । ଏହି ଅଭିଯାନେର କୌଣସି ଯୋଗ୍ୟ ଭୋଟର ଯେପରି ବାଦ ନପଡ଼ନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ଦିଆଯିବା ଦିଗେର ପଦେକ୍ଷପ ନିଆଯିବ ବୋଲି ବିଡ଼ିଓ ଶ୍ରୀ ବାରିକ ସୂଚନା ଦେଇଥିଲେ । ବୁଥରେ ଭୋଟ ପଞ୍ଜିକରଣ ପେର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲଓମାନେ ଘରକୁ ଘର ବୁଲି ସେର୍ଭ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ କରାଯିବା ନେଇ ବୈଠକେର ଗୁରୁତ୍ୱ ଦିଆଯାଇଥିଲା । ତିହିଡ଼ି ବ୍ଲକ ତନୋଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଅଟେ ।ବ୍ଲକେର ପୂର୍ବରୁ ୧୭୨ଟି ବୁଥ ଥିଲା । ଏବେ ତାହା ବୃଦ୍ଧି ପାଇ ୨୧୮ ହୋଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅଧିନ ତିହିଡ଼ି ବ୍ଲକର ୯ପଂଚାୟତେର ପୂର୍ବରୁ ୫୨ବୁଥ ଥିବାବେଳ ୧୫ଟି ବୁଥ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ବ୍ଲକର ୯ପଂଚାୟତେର ପୂର୍ବରୁ ୪୯ଟି ବୁଥ ଥିବାବେଳ ୧୧ଟି ବୁଥ , ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ବ୍ଲକର ୧୩ପଂଚାୟତେର ପୂର୍ବରୁ ୭୧ଟି ବୁଥ ଥିବାବେଳ ୨୦ଟି ବୁଥ ବୃଦ୍ଧି ପାଇଥିବା ବିଡ଼ିଓ ଶ୍ରୀ ବାରିକ ସୂଚନା ଦେଇଥିଲେ । ଏହି ବୈଠକେର ଏବିଡ଼ିଓ ମୀନେକତନ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଜେଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ବାସୁଦେପୁର ବିଧାୟକଙ୍କ ପ୍ରତିନିଧି ସେରାଜ କୁମାର ଦାସ, ଓଡ଼ିଶା କୃଷକ ସଭା ବ୍ଲକ ସଭାପତି ଭାଗବତ ସେନାପତି, ରାଜାରାମ ମହାକୁଡ଼, ଗେଣଶ କର ପ୍ରମୁଖ ବୈଠକେର ଅଂଶଗ୍ରହଣ କରି ସଘନ ସଂଶୋଧନ ନେଇ ଅାଲୋଚନା କରିଥିଲେ ।

# ପ୍ରଜ୍ଞାଙ୍କ ସଫଳତା

ଖୋର୍ଦ୍ଧା : (ହି.ସ.) – ବାପାଙ୍କର ବଡ଼ ସ୍ୱପ୍ନ ଥିଲା, ଝିଅ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା କୃତିତ୍ୱ ଅର୍ଜିବ । ଆଜି ନ ହେଲେ କାଲି ଝିଅକୁ ଏ ସଫଳତା ମିଳିବ । କିନ୍ତୁ, ସଫଳତା ପାଖରେ ପହଂଚିଲା ବେଳକୁ ବାପା ନାହାନ୍ତି । ବାପାଙ୍କୁ ହରାଇବା ଭଳି ଗଭୀର ଯନ୍ତ୍ରଣା ଭିତରେ ବି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଚମକିଛନ୍ତି ଖୋର୍ଦ୍ଧା ସହର ମଙ୍ଗଳାନଗର ବାସିନ୍ଦା ସ୍ୱର୍ଗତ ପ୍ରମୋଦ କୁମାର ସାହୁଙ୍କର ଝିଅ ପ୍ରଜ୍ଞାରାଣୀ ସାହୁ । ଏଥର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ତାଲିକାରେ ୬୦ ନମ୍ବରରେ ରହି କେବଳ ତାଙ୍କର ପିତା ସ୍ୱର୍ଗତ ସାହୁଙ୍କୁ ସେ ଗୌରବାନ୍ୱିତ କରି ନାହାନ୍ତି, ବରଂ ଜିଲ୍ଲାକୁ ବି ଗର୍ବିତ କରିଛନ୍ତି । ପ୍ରଜ୍ଞାଙ୍କ କହିବା ମୁତାବକ, ତାଙ୍କର ସ୍କୁଲ୍ ପାଠପଢ଼ା ଖୋର୍ଦ୍ଧା ନୟାଗଡ଼ ରୋଡ୍ ସ୍ଥିତ ଏସଡିଏ ସ୍କୁଲ୍‌ରେ ହୋଇଥିଲା । ଯୁକ୍ତ ଦୁଇ ଓ ସ୍ନାତକ ପାଠପଢ଼ା ହୋଇଥିଲା ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ । ରସାୟନ ବିଜ୍ଞାନରେ ସେ ସ୍ନାତକ ପାଠ ପଢ଼ିଥିଲେ । ପିଲାଟି ଦିନରୁ ତାଙ୍କର ପ୍ରଶାସନିକ ସେବା ପରୀକ୍ଷା ଦେବାକୁ ଭାରି ଇଚ୍ଛା ଥିଲା । ତେଣୁ, ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ । ପ୍ରଥମ ଓ ଦ୍ୱିତୀୟ ଥରରେ ସେ ସାକ୍ଷାତ୍କାର ଯାଏ ପହଂଚି ସେଇଠୁ କଟି ଯାଉଥିଲେ । ତଥାପି, ସେ ହାର୍ ମାନିନଥିଲେ । ଏଥର ଥିଲା, ତାଙ୍କର ତୃତୀୟ ଥର ଉଦ୍ୟମ । ତୃତୀୟ ପାଳିରେ ବି ସେ ସଫଳତାର ସହିତ ପରୀକ୍ଷାରେ କୃତିତ୍ୱ ହାସଲ କରି ସାକ୍ଷାତ୍କାର ଯାଏ ପହଂଚିଥିଲେ । ଠିକ୍ ସାକ୍ଷାତ୍କାର ତାରିଖ ଧାର୍ଯ୍ୟର ୧୪ ଦିନ ପୂର୍ବରୁ ବାପାଙ୍କର ହୃଦ୍ଘାତରେ ପରଲୋକ ହେଲା । ସାକ୍ଷାତକାର ଦେବା ପୂର୍ବରୁ ପୂରା ପରିବାର ଭାଙ୍ଗି ପଡ଼ିଥିଲେ । ତଥାପି, ଅସହ୍ୟ ବେଦନା ଭିତରେ ପ୍ରଜ୍ଞା ସାକ୍ଷାତ୍କାର ଦେବାକୁ ଯାଇଥିଲେ । ସେଠି ସେ କୃତିତ୍ୱ ହାସଲ କରିଛନ୍ତି । ଏହାର ଶ୍ରେୟ ସେ ସ୍ୱର୍ଗତ ପିତା ଶ୍ରୀ ସାହୁ ଓ ମା' ପ୍ରଭାସିନୀ ସାହୁଙ୍କ ସମେତ ପରିବାର ବର୍ଗ ଓ ଈଶ୍ୱରଙ୍କ ଆଶୀର୍ବାଦକୁ ଦେଇଛନ୍ତି । ସେ ଦୈନିକ ସାତରୁ ଆଠ ଘଂଟା ପାଠ ପଢୁଥିଲେ । ବିନା କୋଚିଂରେ ତାଙ୍କୁ ଏହି ସଫଳତା ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି ।

# ନିର୍ମାଣର ଦେଢ଼ ବର୍ଷରେ ଆଁ କଲାଣି କଂକ୍ରିଟ ରାସ୍ତା
## ମରଣଯନ୍ତା ସାଜିଛି ଧାମନଗର-ଦୋବଲ ରୋଡ୍

ଧାମନଗର : ରାଜ୍ୟରେ ଶାସନ ପରିବର୍ତନ ହେଲା, ମାତ୍ର ବଦଳିଲାନି ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀ କି ଠିକାଦାରଙ୍କ ମନମୁଖୀ କାର୍ଯ୍ୟ । ୨୦୨୪ରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ଧାମନଗରର ଅନ୍ୟତମ ମୁଖ୍ୟ ରାସ୍ତା କୁହାଯାଉଥିବା ଧାମନଗର-କ୍ଷେଣ୍ଟପୁର ଭାୟା ଦୋବଲ ରାସ୍ତାର ମରାମତି ଓ ପୁନଃ-ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ଅତ୍ୟନ୍ତ ପରିତାପର ବିଷୟ ଯେ, ନିର୍ମାଣର ମାତ୍ର ଦେଢ଼ ବର୍ଷ ନପୂରୁଣୁ ଏହି କୋଟି କୋଟି ଟଙ୍କାର କଂକ୍ରିଟ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି । ପୂର୍ତ୍ତ ବିଭାଗର ସରକାରୀ ଗାଇଡ୍‌ଲାଇନ୍ ଏବଂ ବୈଷୟିକ ନିୟମାବଳୀକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ କରାଯାଇଥିବା ଏହି ନିମ୍ନମାନର ନିର୍ମାଣ ଯୋଗୁଁ ସ୍ଥାନୀୟ ଅଂଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତାର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ । ଧାମନଗର କଲେଜ ସାମ୍ନାରେ ରାସ୍ତାକୁ ପ୍ରାୟ ୬ ଇଂଚ ଉଚ୍ଚା କରି କଂକ୍ରିଟ୍ ଢଳେଇ କରାଯାଇଥିଲା । ଆଶ୍ଚର୍ଯ୍ୟର ବିଷୟ, ଏହି ୬ ଇଂଚ ମୋଟାର ନୂତନ ସ୍ଲାବ୍ ମଧ ଭାରୀଯାନର ଚାପ ସହିନପାରି ଫାଟିଗଲାଣି । ସେହିପରି ଖଡ଼ିପଦାରୁ ଦୋବଲ ମଧ୍ୟବର୍ତୀ ଅଂଚଳରେ ଏଯାଏଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ସୁଦ୍ଧା ହୋଇନାହିଁ । ଗୋଟିଏ ପଟେ ଠିକାଦାର କାମ ଅଧାପନ୍ତରିଆ କରି ରଖିଥିବା ବେଳେ, ଅନ୍ୟପଟେ ନିର୍ମିତ ହୋଇ ସାରିଥିବା ଅଂଶରେ ଏବେଠାରୁ ହିଁ ବଡ଼ ବଡ଼ ଫାଟ ଦେଖାଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି । ଧାମନଗର ଓ ଦୋବଲ ଅଂଚଳର ଭୌଗୋଳିକ ସ୍ଥିତି ଅନୁସାରେ ଏହି ରାସ୍ତା ତଳେ କେଲୁଅ ବା ଅତ୍ୟଧିକ ଚିକିଟା



ମାଟି ରହିଛି । ଏହି ମାଟିର ପ୍ରକୃତି ହେଉଛି ବର୍ଷା ଦିନେ ଏହା ଫୁଲିଯାଏ ଏବଂ ଖରା ଦିନେ ସଙ୍କୁଚିତ ହୋଇଯାଏ । ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିୟମାବଳୀ ଅନୁଯାୟୀ, ଏଭଳି ମାଟି ଉପରେ କଂକ୍ରିଟ୍ ରାସ୍ତା ପ୍ରସ୍ତୁତ କରିବା ପୂର୍ବରୁ ସ୍ୱତନ୍ତ୍ର ସ୍ଥିରୀକରଣ ଡିଜାଇନ୍ କରିବା ବାଧ୍ୟତାମୂଳକ । ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କୌଣସି ସ୍ୱତନ୍ତ୍ର ପ୍ରତିକାରମୂଳକ ବ୍ୟବସ୍ଥା ନକରି ସିଧାସଳଖ ଢଳେଇ କରିଦିଆଗଲା, ଯାହା ଆଜି ରାସ୍ତା ଫାଟିବାର ପ୍ରମୁଖ କାରଣ ସାଜିଛି । ତାପମାତ୍ରାର ଅତ୍ୟଧିକ ପରିବର୍ତ୍ତନ ତଥା ସଙ୍କୋଚନ ଓ ପ୍ରସାରଣ ଯୋଗୁଁ ରାସ୍ତାର ଦୁଇଟି ଲେନ୍ ମଝିରେ ଥିବା ସଂଯୋଗସ୍ଥଳ ଗୁଡ଼ିକ ଏବେ ପ୍ରଶସ୍ତ ହେବାରେ ଲାଗିଛି । ନିୟମ ଅନୁସାରେ ଏହି ଜଏ[ ଗୁଡ଼ିକୁ ସଠିକ୍ ସମୟରେ କାଟି ସେଥିରେ ବେକର୍ ରଡ୍ ଏବଂ ବିଟୁମିନ ବା ସିଲାଂଟ ଭରିବା କଥା । ମାତ୍ର ତାହା ନକରାଯିବାରୁ ଏହି ସଂଯୋଗସ୍ଥଳ ଗୁଡ଼ିକ ଚଉଡ଼ା ହୋଇ ଲମ୍ବା ଓ ଗଭୀର ଗାଡ଼ରେ ପରିଣତ ହେଲାଣି । ବିଶେଷ କରି ରାତି ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଚାଳକଙ୍କ ଚକା ଏହି ଗାଡ଼ରେ ପଶିଯିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ବୈଷୟିକ ତ୍ରୁଟି ସହିତ ବୋଝ ଉପରେ ଲଳିତା ବିଡ଼ା ସାଜିଛି ବେଆଇନ ଓଭରଲୋଡିଂ । ବୈତରଣୀ ନଦୀରୁ ପ୍ରତିଦିନ ଶହ ଶହ ଓଭରଲୋଡେଡ୍ ବାଲି ବୋଝେଇ ହାଇୱା ଏବଂ ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳାଚଳ କରୁଛି । ଏହା ସହିତ ଗ୍ରାମାଂଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇଥିବାରୁ ମେଟାଲ, ଚିପ୍ସ ଏବଂ ଲୁହା ରଡ୍ ବୋଝେଇ ଭାରୀ ଯାନ ମଧ ଏହି ରାସ୍ତା ଉପରେ ନିରନ୍ତର ଯାତାୟତ କରୁଛନ୍ତି । ରାସ୍ତାର ନିର୍ଦ୍ଧାରିତ ଭାର ବହନ କ୍ଷମତାଠାରୁ କେତେ ଗୁଣ ଅଧିକ ଓଜନର ଗାଡ଼ି ଚାଲୁଥିବାରୁ, ଦୁର୍ବଳ ବେସ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ୍ ଏହି ଚାପ ସହି ନପାରି ଭାଙ୍ଗି ଆଁ କରୁଛି । ସରକାରଙ୍କ ପୂର୍ତ୍ତ ବିଭାଗ ନିୟମ ଅନୁଯାୟୀ, କୌଣସି ବି ନୂତନ କଂକ୍ରିଟ୍ ରାସ୍ତାର ଡିଫେକ୍ଟ ଲାଏବିଲିଟି ପିରିୟଡ୍ ଅତିକମରେ ୩ ରୁ ୫ ବର୍ଷ ରହିଥାଏ । ଏହି ସମୟ ମଧ୍ୟରେ ଯଦି ରାସ୍ତା ଖରାପ ହୁଏ, ତେବେ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ ଏହାର ସମ୍ପୂର୍ଣ୍ଣ ମରାମତି ବା ପୁନଃ-ନିର୍ମାଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟ । ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପଠାଇ ଧାମନଗର-ଦୋବଲ ରାସ୍ତାର ଯାଂଚ କରନ୍ତୁ । ମାଟିର ପ୍ରକୃତି ଅନୁସାରେ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯାଇ ଠିକାଦାରଙ୍କ ଜରିଆରେ ରାସ୍ତାର ପୁନଃ-ନିର୍ମାଣ କରାଯାଉ ଏବଂ ଓଭରଲୋଡିଂ ଗାଡ଼ି ଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନଚେତ୍ ଆଗାମୀ ଦିନରେ ବୃହତ ଆନ୍ଦୋଳନ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଘେରିବା ପାଇଁ ଧାମନଗରବାସୀ ଚେତାବନୀ ଦେଇଛନ୍ତି ।

# ଗ୍ରୀଷ୍ମକାଳୀନ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଟ୍ରେନର ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟାରେ ବୃଦ୍ଧି



ଭୁବନେଶ୍ୱର : ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତି ନିଆଯାଇଛି । ଟ୍ରେନ ନମ୍ବର ୨୦୮୧୭ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୩୦ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ । ସେହିପରି, ଟ୍ରେନ ନମ୍ବର ୨୦୮୧୮ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ । ଟ୍ରେନ ନମ୍ବର ୧୨୮୩୭ ହାଓଡ଼ା-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍ ?ରେ ୩୦ ମେ ରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ବୃଦ୍ଧି କରାଯିବ । ଟ୍ରେନ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ । ସେହିପରି, ଟ୍ରେନ ନମ୍ବର ୧୮୦୪୫ ଶାଲିମାର-ଚାର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍‌ରେ ୩୦ ଓ ୩୧ ମେ ଏବଂ ୧, ୨, ୪ ଓ ୫ ଜୁନ୍ ୨୦୨୬ ରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ । ଏହାଛଡା, ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଜଙ୍କସନ ଏସି ଏକ୍ସପ୍ରେସ୍‌ରେ ୪ ଜୁନ୍ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

# ଚଳିତ ବର୍ଷ ସାରା ଦେଶ ସମେତ ଓଡ଼ିଶାରେ କମିବ ମୌସୁମୀ ବର୍ଷା, ବଢ଼ିବ ଗ୍ରୀଷ୍ମ ପ୍ରବାହ : ଆଇଏମଡି ଡିଜି



ଭୁବନେଶ୍ୱର: ଖୁବଶୀଘ୍ର କେରଳରେ ମୌସୁମୀ ଛୁଇଁବାକୁ ଯାଉଛି । ଏହା ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏକ ନିରାଶଜନକ ପୂର୍ବାନୁମାନ କରାଯାଇଛି । ଚଳିତ ବର୍ଷ ଜୁନରୁ ସେପ୍ଟେମ୍ବର ମାସ ମଧ୍ୟରେ ସାରା ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହିତ ଓଡ଼ିଶାରେ ମଧ୍ୟ ଆଶାନୁରୂପକ ବର୍ଷା ହେବ ନାହିଁ ବୋଲି ଆଇଏମଡି ଆକଳନ କରିଛି । କୃଷି ଉପରେ ନିର୍ଭର କରୁଥିବା ଆମ ରାଜ୍ୟ ପାଇଁ ଏହି ପାଣିପାଗ ସୂଚନା ବେଶ ଚିନ୍ତାଜନକ ହୋଇପାରେ । ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ ଏଥର ମୌସୁମୀ ସମୟରେ ଦେଶରେ ହାରାହାରି ମାତ୍ର ୯୦ ପ୍ରତିଶତ ବର୍ଷା ହେବ । ବିଶେଷ କରି ଜୁନ ମାସରେ ମୌସୁମୀ ବର୍ଷାର ପରିମାଣ ଯଥେଷ୍ଟ କମ ରହିବ । ଓଡ଼ିଶା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିବ ଏବଂ ରାଜ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା ରେକର୍ଡ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ କେବଳ କମ ବର୍ଷା ନୁହେଁ ଜୁନ ମାସରେ ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ରହିବା ନେଇ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ସାରା ଦେଶରେ ଅଧିକ ଗରମ ଅନୁଭୂତ ହେବା ସହ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହର ସ୍ଥିତି ଆହୁରି ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିବ । ରାଜ୍ୟରେ ହିଟ୍ ୱେଭ୍ ସ୍ଥିତି ସ୍ୱାଭାବିକ ଠାରୁ ଅଧିକ ସମୟ ଯାଏଁ ରହିବ । ତେଣୁ ଏଭଳି ପରିସ୍ଥିତିରେ ଖରା ଏବଂ ଗୁଳୁଗୁଳିରୁ ଲୋକଙ୍କୁ ସହଜରେ ଆଶ୍ୱସ୍ତି ମିଳିବାର ସମ୍ଭାବନା କ୍ଷୀଣ ।



# ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଖରିଫ ସମ୍ମିଳନୀରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ



ନୂଆଦିଲ୍ଲୀ/ଭୁବନେଶ୍ୱର : ଜାତୀୟ ସ୍ତରରେ ଓଡ଼ିଶା ଏକ ଅଗ୍ରଣୀ କୃଷି ପ୍ରଧାନ ରାଜ୍ୟ ଭାବେ ଉଭା ହୋଇଛି । ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଖରିଫ ସମ୍ମିଳନୀରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷି କ୍ଷେତ୍ର ଆନୁମାନିକ ୫.୩% ହାରରେ ଅଭିବୃଦ୍ଧି ହାସଲ କରୁଛି, ଯାହା ଜାତୀୟ ହାର (୩.୧%) ତୁଳନାରେ ଯଥେଷ୍ଟ ଅଧିକ । ଏହି ଅର୍ଥନୈତିକ ସଫଳତା ଗତ ୨୦୨୪-୨୫ ବର୍ଷ ମଧ୍ୟରେ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଏବଂ ୧୫୬ ଲକ୍ଷ ମେଟ୍ରିକ ଟନ୍ ଉଦ୍ୟାନ କୃଷି ଉତ୍ପାଦ ଅମଳ କରାଯାଇଥିଲା । କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ଏବଂ ରାଜ୍ୟର ନିଜସ୍ୱ 'ବିକଶିତ ଓଡ଼ିଶା ଅ ୨୦୩୬' ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଏକ ଜଳବାୟୁ-ସହନଶୀଳ କୃଷି ବ୍ୟବସ୍ଥା ଗଠନ ପାଇଁ ଚାଷୀ-କେନ୍ଦ୍ରିକ ନୀତିଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆସନ୍ତା ୨୦୨୬ ଖରିଫ ସିଜିନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଉପରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଚଳିତ ବର୍ଷ ୫୭.୪୦ ଲକ୍ଷ ହେକ୍ଟର ଜମିରେ ଚାଷ କରିବାର ବୃହତ ଲକ୍ଷ୍ୟ ରଖାଯାଇଛି । ଏହି ମହତ୍ୱାକାଂକ୍ଷୀ ଚାଷ ଅଭିଯାନକୁ ସହାୟତା କରିବା ପାଇଁ ଓଡ଼ିଶା ପକ୍ଷରୁ ୪ ଲକ୍ଷ କ୍ୱିଂଟାଲ ପ୍ରାମାଣିକ ବିହନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଏବଂ ସଠିକ୍ ସମୟରେ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାର ମହଜୁଦ ରଖିବା ପାଇଁ ୨୪୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି । ରାଜ୍ୟ ସ୍ତରରେ, ପ୍ରମୁଖ ଯୋଜନା 'ସମୃଦ୍ଧ କୃଷକ ଯୋଜନା' ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ଇନପୁଟ୍ ସହାୟତା ମାଧ୍ୟମରେ କ୍ୱିଂଟାଲ ପିଛା ୩,୧୦୦ ଟଙ୍କାରେ ଧାନ ସଂଗ୍ରହ ସୁନିଶ୍ଚିତ କରି ଚାଷୀଙ୍କ ଆର୍ଥିକ ସଶକ୍ତିକରଣ କରାଯାଉଛି । ଏହା ସହିତ ସେବା ପ୍ରଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜିକରଣ , ଡିଜିଟାଲ୍ ଫସଲ ସର୍ବେକ୍ଷଣ (Digital Crop Survey) ଏବଂ ଆଗ୍ରିଷ୍ଟାକ୍ ସମନ୍ୱୟକୁ ଅନ୍ତର୍ଭୁକ୍ତ କରି ଏକ 'ଡିଜିଟାଲ୍ କୃଷି ମିଶନ' ଆରମ୍ଭ କରୁଛନ୍ତି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ଏବଂ କାର୍ଯ୍ୟକ୍ଷେତ୍ରରେ ଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବା ପାଇଁ ଓଡ଼ିଶା ତରଫରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭାରତ ସରକାରଙ୍କ ନିକଟରେ ଏକ ବିସ୍ତୃତ ସ୍ମାରକପତ୍ର ଉପସ୍ଥାପନ କରିଛନ୍ତି । ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳତା ପାଇଁ ମିଶନ ଅଧୀନରେ ରାଜ୍ୟ ପକ୍ଷରୁ ଡାଲି ଫସଲ ପ୍ରଦର୍ଶନ କାର୍ଯ୍ୟକ୍ରମର ଆବଂଟନକୁ ୨୪.୭୪ କୋଟି ଟଙ୍କା (୨୪,୭୪୦ ହେକ୍ଟର ପାଇଁ) ରୁ ୨୦୦ କୋଟି ଟଙ୍କାକୁ (୨,୦୦,୦୦୦ ହେକ୍ଟର ପାଇଁ) ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି । ରାଜ୍ୟର ୮୦.୫୦ କୋଟି ଟଙ୍କାର ଡିଜିଟାଲ୍ ଫସଲ ସର୍ବେକ୍ଷଣ ବାର୍ଷିକ କାର୍ଯ୍ୟ ଯୋଜନାକୁ ସମ୍ପୂର୍ଣ୍ଣ ମଞ୍ଜୁର କରିବାକୁ ଓଡ଼ିଶା କୃଷି ମନ୍ତ୍ରଣାଳୟକୁ ଅନୁରୋଧ କରିଛି, ଯେଉଁଥିରୁ ବର୍ତ୍ତମାନ ସୁଦ୍ଧା ୪୨.୭୫ କୋଟି ଟଙ୍କା ଅନୁମୋଦିତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାଜ୍ୟ ପକ୍ଷରୁ ମୂଲ୍ୟ ସହାୟତା ଯୋଜନାପେମେଂଟ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏକ ପ୍ରସ୍ତାବ ଦିଆଯାଇଛି । ଏଥିରେ ଅନୁରୋଧ କରାଯାଇଛି ଯେ, ଗୁଣବତା ଯାଂଚ କେବଳ ମଣ୍ଡି ବା ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଥରେ ମାତ୍ର କରାଯାଉ, ଯଦ୍ୱାରା ରାଜ୍ୟ ସ୍ତରୀୟ ସହାୟକ ସଂସ୍ଥା ଗୋଦାମଗୁଡ଼ିକରେ ଦ୍ୱିତୀୟ ବାର ଯାଂଚ ପାଇଁ ଅପେକ୍ଷା ନକରି ଚାଷୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିପାରିବ । ସାଂସ୍କୃତିକ ଐତିହ୍ୟ ଏବଂ ପରିବେଶ ସ୍ଥାୟୀତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ପକ୍ଷରୁ ଆଗାମୀ 'ବଳଭଦ୍ର ଜୈବିକ ଚାଷ ମିଶନ' ଉପରେ ଆଲୋକପାତ କରାଯାଇଛି—ଯାହାକି ୧୬,୬୦୦ ହେକ୍ଟର ଜମିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ୫ ବର୍ଷିଆ ପ୍ରାକୃତିକ ଚାଷ ଯୋଜନା । ଏହା ସହିତ, ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ପାଇଁ ସୁବାସିତ ଜୈବିକ ଧାନ ଚାଷ କରିବା ପାଇଁ ଐତିହାସିକ "ଅମୃତ ଅନ୍ନ' ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି ।

# ଭାରତକୁ ସବଷ୍ଟ୍ରେଟ୍ ଉତ୍ପାଦନ ପ୍ରଯୁକ୍ତି ଆଣିବା ପାଇଁ ଓଡ଼ିଶା ସରକାର ଏବଂ ଇଂଟେଲ୍ ଓ ୩ଡିଜିଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର : ଓଡ଼ିଶାରେ ଏକ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଏକ ଢାଂଚା ସ୍ଥାପନ କରିବା ଲାଗି ଓଡ଼ିଶା ସରକାର, ଇନ୍‌ଟେଲ୍ କର୍ପୋରେସନ୍ ଏବଂ ୩ଡିଜିଏସ୍, ୟୁଏସଏ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରକଳ୍ପ ଦେଶର ସର୍ବବୃହତ ଉଚ୍ଚ - ପ୍ରଯୁକ୍ତି ଉତ୍ପାଦନ ନିବେଶ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ । ଏହି ୟୁନିଟ୍ ଭୁବନେଶ୍ୱର - ଖୋର୍ଦ୍ଧା ମଧ୍ୟରେ ସ୍ଥାପିତ ହେବାର ପ୍ରସ୍ତାବ ରହିଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଂଟେଲ୍ର ସିଇଓ ଲିପ୍-ବୁ ଟାନ୍ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇନକର୍ପୋରେଟେଡ୍, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ମର୍କ ଇଲେକ୍ଟ୍ରୋନିକ୍ସ ଭଳି ଫାର୍ମଗୁଡ଼ିକର ପ୍ରବେଶ ଦେଶରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସୁଦୃଢ଼ କରୁଛି । ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଡଚ୍ ବହୁରାଷ୍ଟ୍ରୀୟ ଏଏସଏମଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ସେମିକଣ୍ଡକ୍ଟର କ୍ଷେତ୍ରରେ ସରକାରଙ୍କ ପ୍ରୟାସ ଏବଂ ଭାରତରେ ଉଦ୍ୟୋଗ ପ୍ରତି ଯେଉଁ ବିଶ୍ୱାସ ରହିଛି ତାହାର ସ୍ୱୀକୃତିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପଟି ପାଂଚ - ଛଅ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ଏହା ବ୍ୟାପକ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହିତ ପ୍ରତ୍ୟକ୍ଷ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି । ଏହି ୟୁନିଟ୍ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍, ଉଚ୍ଚ-ଘନତାସମ୍ପନ୍ନ ଇଂଟରକନେକ୍ଟ ସବଷ୍ଟ୍ରେଟ୍ ଏବଂ ସମ୍ବନ୍ଧିତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବ, ଯେଉଁଥିରେ ଇଂଟେଲ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ଏବଂ ପ୍ରକ୍ରିୟା ବିଶେଷଜ୍ଞତାକୁ ଉପଯୋଗ କରାଯିବ । ଏହା ଭାରତର ଦକ୍ଷତା ବିକାଶ, ଇକୋସିଷ୍ଟମ ଅଭିବୃଦ୍ଧି ଏବଂ ରପ୍ତାନି-ମୁଖୀ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ଘରୋଇ ଉତ୍ପାଦନ, ଡିଜାଇନ୍ ଇକୋସିଷ୍ଟମ ଏବଂ ଯୋଗାଣ ଶୃଙ୍ଖଳା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଚାଲିଥିବା ପ୍ରୟାସ ଉପରେ ଆଧାରିତ । ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଡିଜିଟାଲ୍ ଭିତିଭୂମି କ୍ଷେତ୍ରରେ ଉଦୀୟମାନ କେନ୍ଦ୍ର ମଧ୍ୟରେ ସ୍ଥାନିତ କରିବ ।

# ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆନ୍ତଃ-ମନ୍ତ୍ରଣାଳୟ ବିବୃତି



ନୂଆଦିଲ୍ଲୀ: ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତି ମଧ୍ୟରେ, ଭାରତ ସରକାର ନିୟମିତ ଅପଡେଟ୍ ମାଧ୍ୟମରେ ନାଗରିକମାନଙ୍କୁ ସୂଚିତ ରଖିବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ, ଆଜି ନ୍ୟାସନାଲ ମିଡିଆ ସେଂଟରଠାରେ ଏକ ମିଡିଆ ବ୍ରିଫିଂ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଜାଳେଣିର ଉପଲବ୍ଧତା ଏବଂ ପ୍ରମୁଖ କ୍ଷେତ୍ରଗୁଡିକରେ ସ୍ଥିରତା ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରିଛନ୍ତି । ଶକ୍ତି ଯୋଗାଣ ଏବଂ ଜାଳେଣିର ଉପଲବ୍ଧତା-ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତ୍ତମାନର ଜାଳେଣି ଯୋଗାଣ ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି, ଯେଉଁଥିରେ ପଶ୍ଚିମ ଏସିଆର ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରବଚ୍ଛିନ୍ନ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ରୂପରେଖ ପ୍ରଦାନ କରାଯାଇଛି । ଏହା ଲକ୍ଷ୍ୟ କରାଯାଇଛି ଯେ: ସର୍ବସାଧାରଣ ପରାମର୍ଶ ଏବଂ ନାଗରିକ ସଚେତନତା- ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ଆତଙ୍କିତ ହୋଇ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ନକିଣିବାକୁ ପରାମର୍ଶ ଦିଆଯାଇଛି ।ଗୁଜବ ପ୍ରତି ସତର୍କ ରୁହନ୍ତୁ ଏବଂ ସଠିକ୍ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ କୁହାଯାଇଛି । ଏଲପିଜି ଗ୍ରାହକମାନଙ୍କୁ ବିତରକଙ୍କ ପାଖକୁ ନ ଯାଇ ଡିଜିଟାଲ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକସନ ଚୁଲା ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯାଉଛି । ବହୁଳ ପରିମାଣରେ ବ୍ୟବହାର କରୁଥିବା ଏବଂ ଶିଳ୍ପଭିତ୍ତିକ ଗ୍ରାହକମାନଙ୍କୁ ଅନୁମୋଦିତ ସୂତ୍ରରୁ ଡିଜେଲ ସଂଗ୍ରହ କରିବାକୁ ଅନୁରୋଧ କରାଯାଇଛି ।

# ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଜିତିଲା ଭାରତ



ଚେମ୍ସ ଫୋର୍ଡ : ଜେମିମା ରୋଡ୍ରିଗ୍ସ ଓ ୟାସ୍ତିକା ଭାଟିଆଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ନବାଗତ ପେସ୍‌ର ନନ୍ଦନୀ ଶର୍ମାଙ୍କ ଚମତ୍କାର ବୋଲିଂ ଦ୍ୱାରା ଭାରତ ଶୁକ୍ରବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ୩୮ ରନରେ ବିଜୟ ଲାଭ କରିଛି । ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ଲାଭ କରିପାରିଛି । ନିୟମିତ ଅଧିନାୟକ ହରମନପ୍ରୀତ୍ କୌରଙ୍କ ଅନୁପସ୍ଥିତିରେ ଖେଳିଥିବା ସ୍ଥାନୀୟ କାଉଂଟି ଗ୍ରାଉଣ୍ଡରେ ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମାତ୍ର ପରବର୍ତୀ ସମୟରେ ପ୍ରଦର୍ଶନରେ ଉନ୍ନତି ଆଣି ଦଳ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୮୮ ରନ କରିଥିଲା ।ଜବାବରେ ଇଂଲଣ୍ଡ ୧୫୦/୮ ସ୍କୋରରେ ସୀମିତ ହୋଇଯାଇଥିଲା ।

# ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ ହାର୍ଦ୍ଦିକ, ଅଧିନାୟକ ପଦରୁ ଓହରିଲେ ପନ୍ତ



ନୂଆଦିଲ୍ଲୀ: ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଛାଡିବା ଏକପ୍ରକାର ନିଶ୍ଚିତ ହୋଇଯାଇଥିବା ବେଳେ ରିଷଭ ପନ୍ତ ଅଧିନାୟକ ପଦରୁ ଓହରି ଯାଇଛନ୍ତି । ଚଳିତ ଆଇପିଏଲରେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ ଅଫରେ ପ୍ରବେଶ କରିପାରି ନ ଥିଲା । ୩୨ ବର୍ଷୀୟ ଏହି ଅଲରାଉଣ୍ଡର ସିଜନ ଅଧାରେ ଟିମ ଛାଡିବା କଥା ମ୍ୟାନେଜମେଂଟକୁ ଜଣାଇଥିଲେ । ସିନିୟର ଖେଳାଳିଙ୍କ ସହ ମତଭେଦ ଯୋଗୁ ଚାପରେ ରହୁଥିବା ମଧ୍ୟ କହିଥିଲେ । ମ୍ୟାନେଜମେଂଟ ତାଙ୍କ କଥା ଗ୍ରହଣ କରିଥିବା ଜଣାପଡିଛି । ଖୁବ ଶୀଘ୍ର ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ । ୨୦୨୧ରେ ହାର୍ଦ୍ଦିକ ମୁମ୍ବାଇ ଛାଡି ଗୁଜରାଟ ଟାଇଟାନ୍ସ ଟିମ ସହିତ ଯୋଗ ଦେଇଥିଲେ । ଗୁଜରାଟ ଚାମ୍ପିୟନ ହେବା ପରେ ତାଙ୍କ ଚାହିଦା ବୃଦ୍ଧି ପାଇଥିଲା । ୨୦୨୪ରେ ସେ ମୁମ୍ବାଇ ପ୍ରତ୍ୟାବର୍ତନ କରିଥିଲେ । ତେବେ ରୋହିତ ଶର୍ମାଙ୍କ ବଦଳରେ ତାଙ୍କୁ ଅଧିନାୟକ କରାଯିବାକୁ ପ୍ରଶଂସକ ଓ ସାଥୀ ଖେଳାଳିମାନେ ଗ୍ରହଣ କରିପାରି ନ ଥିଲେ । ମୁମ୍ବାଇର ପ୍ରଦର୍ଶନସ୍ତର ମଧ୍ୟ ଖସିଥିଲା । ଅପରପକ୍ଷରେ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ସୁପର ଜ୍ୟାଂଟସର ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଛି । ପନ୍ତ ସ୍ୱତଃ ଅଧିନାୟକ ପଦରୁ ହଟିଥିବା କୁହାଯାଇଛି । ମେଗା ନିଲାମରେ ପନ୍ତଙ୍କୁ ୨୭ କୋଟିରେ ଲକ୍ଷ୍ନୌ କିଣିଥିଲା । ପନ୍ତଙ୍କ ଅନୁରୋଧକୁ ଆମେ ସମ୍ମାନ ଦେଇ ଏହାକୁ ସ୍ୱୀକାର କରୁଛୁ ବୋଲି ଲକ୍ଷ୍ନୌ ଡାଇରେକ୍ଟର ଅଫ କ୍ରିକେଟ ଟମ ମୁଡୀ କହିଛନ୍ତି ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**